
ରାଜ୍ୟବାସୀଙ୍କୁ ପବିତ୍ର ରଥଯାତ୍ରା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

Odia Daily
www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

ଶୁଭେଚ୍ଛା

ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ସାରଦା ପ୍ରସାଦ ନାୟକ
ବିଧାୟକ, ରାଉରକେଲା



## କେନ୍ଦ୍ର କ୍ୟାବିନେଟରେ ଓଡିଶାକୁ ଉପହାର :

# ପାରାଦୀପ- ହରିଦାସପୁର ରେଳପଥ ଦୋହରୀକରଣ ପ୍ରକଳ୍ପକୁ ମଞ୍ଜୁରୀ



ଭୁବନେଶ୍ୱର,୧୫/୭(ନି/ପ୍ର) : କେନ୍ଦ୍ର କ୍ୟାବିନେଟରେ ପାରାଦୀପ - ହରିଦାସପୁର ରେଳପ ଦୋହରୀକରଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏହାସହିତ ରାଜଖରସୁଆଁ ଓ ଡାଙ୍ଗୋପୋଷୀ ଚତୁର୍ଥ ଲେନ ପ୍ରକଳ୍ପକୁ ମଧ୍ୟ ମଞ୍ଜୁରୀ ମିଳିଛି । ଦୁଇ ପ୍ରକଳ୍ପର ମୋଟ ମୂଲ୍ୟ ପ୍ରାୟ ୩,୯୦୭ କୋଟି ଟଙ୍କା ।ଓଡ଼ିଶା ଏବଂ ଝାଡ଼ଖଣ୍ଡ ରାଜ୍ୟର ୪ଟି ଜିଲ୍ଲାକୁ କଭର କରୁଥିବା ଦୁଇ ପ୍ରକଳ୍ପ ଭାରତୀୟ ରେଳବାଇର ବିଦ୍ୟମାନ ନେଟୱାର୍କକୁ ପ୍ରାୟ ୧୪୫ କିଲୋମିଟର ବୃଦ୍ଧି କରିବ । ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ-ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନରେ ଯୋଜନା କରାଯାଇଛି, ଯେଉଁଥିରେ ସମନ୍ୱିତ ଯୋଜନା ଏବଂ ଅଂଶୀଦାରମାନଙ୍କ ପରାମର୍ଶ ମାଧ୍ୟମରେ ବହୁ-ମୋଡାଲ ସଂଯୋଗ ଏବଂ ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଛି । ଏହି ପ୍ରକଳ୍ପଗୁଡ଼ିକ ଲୋକ, ସାମଗ୍ରୀ ଏବଂ ସେବାର ପରିବହନ ପାଇଁ ସୁଗମ ସଂଯୋଗ ପ୍ରଦାନ କରିବ । ପ୍ରସ୍ତାବିତ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପ୍ରାୟ ୧୪ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୧୫୨୬ ଗ୍ରାମକୁ ସଂଯୋଗୀକରଣ ବୃଦ୍ଧି କରିବ । ପ୍ରସ୍ତାବିତ କ୍ଷମତା ବୃଦ୍ଧି ଦ୍ୱାରା ଦେଶର ଅନେକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସହିତ ରେଳ ସଂଯୋଗୀ କରଣରେ ଉନ୍ନତି ଆଣିବ । ଯେପରିକି ଲଳିତଗିରି ବୌଦ୍ଧ କମ୍ପ୍ଲେକ୍ସ, ଶ୍ରୀ ବଳଦେବଜୀଉ ମନ୍ଦିର, ମେଘାହାଟୁବୁରୁ ପାହାଡ଼ ଇତ୍ୟାଦିକୁ ରେଳ ସଂଯୋଗ ହେବ ।




## ୫୦ ପ୍ରତିଶତ ଆସନ ବୃଦ୍ଧି ହେଲେ ଦେବୁ ସମର୍ଥନ :

### ସୀମା ନିର୍ଦ୍ଧାରଣ ବିଲ୍ ଉପରେ ଶରଦ ପାଓ୍ୱାରଙ୍କ ଏନସିପି ରଖିଲା ସର୍ତ୍ତ



ମୁମ୍ବାଇ,୧୫/୭: ସଂସଦର ମୌସୁମୀ ଅଧିବେଶନରେ ଆଗତ ହେବାକୁ ଥିବା ମହିଳା ସଂରକ୍ଷଣ ଏବଂ ସୀମା ନିର୍ଦ୍ଧାରଣ ସମ୍ବନ୍ଧୀୟ ସାମ୍ବିଧାନିକ ସଂଶୋଧନ ବିଲ୍ ଉପରେ ଶରଦ ପାଓ୍ୱାରଙ୍କ ଏନସିପି ଏପର୍ଯ୍ୟନ୍ତ ନିଜର ମତ ପ୍ରକାଶ କରିନାହିଁ । ଏନସିପି (ଶରଦ ପାଓ୍ୱାର) କାର୍ଯ୍ୟକାରୀ ସଭାପତି ସୁପ୍ରିୟା ସୁଲେ ମୁମ୍ବାଇରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଯଦି ଆସନ ସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି କରିବା ସର୍ତ୍ତ କାର୍ଯ୍ୟକାରୀ ହୁଏ, ତେବେ ଆମେ ଏହାକୁ ସମର୍ଥନ କରିବା ନେଇ ବିଚାର କରିବୁ ।ସୁଲେ କହିଛନ୍ତି, ସରକାର ସୀମା ନିର୍ଦ୍ଧାରଣ ଉପରେ ଆନୁଷ୍ଠାନିକ ଭାବରେ ୫୦ ପ୍ରତିଶତ ଆସନ ବୃଦ୍ଧି ପ୍ରସ୍ତାବ ଦେବା ଉଚିତ୍ । ଯଦି ଇଣ୍ଡିଆ ମେଟଂ ରାଜି ହୁଏ, ତେବେ ଆମେ ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ । ମୁଁ କେବଳ ଏତିକି କହୁଛି ଯେ ୫୦ ପ୍ରତିଶତ ଆସନ ବୃଦ୍ଧି ପ୍ରଥମେ ଲିଖିତ ଭାବରେ ଅଣାଯିବା ଉଚିତ୍ । ତା'ପରେ ଆମେ ଏହା ଉପରେ ଆଲୋଚନା କରିବୁ । ବର୍ତ୍ତମାନ, ଏପରି କୌଣସି ଲିଖିତ ପ୍ରସ୍ତାବ ଆମ ସମ୍ମୁଖରେ ନାହିଁ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଲୋକସଭାରେ କହିଥିଲେ ଯେ, ସେ ୫୦ ପ୍ରତିଶତ ଆସନ ବୃଦ୍ଧିକୁ ସମର୍ଥନ କରନ୍ତି, କିନ୍ତୁ ଏହି ବ୍ୟବସ୍ଥା ବିଲ୍‌ରେ ଅନ୍ତର୍ଭୁକ୍ତ ହୋଇନାହିଁ । ସଂସଦର ମୌସୁମୀ ଅଧିବେଶନରେ ଆଗତ ହେବାକୁ ଥିବା ମହିଳା ସଂରକ୍ଷଣ ଏବଂ ସୀମା ନିର୍ଦ୍ଧାରଣ ସମ୍ବନ୍ଧୀୟ ସାମ୍ବିଧାନିକ ସଂଶୋଧନ ବିଲ୍ ଉପରେ ଶରଦ ପାଓ୍ୱାରଙ୍କ ଏନସିପି ଏପର୍ଯ୍ୟନ୍ତ ନିଜର ମତ ପ୍ରକାଶ କରିନାହିଁ ।

## ରଥ ଉପରେ ଅନଧିକୃତ ପ୍ରବେଶ ଓ ମୋବାଇଲ ବ୍ୟବହାର ସଂପୂର୍ଣ୍ଣ ମନା ;ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ



ପୁରୀ,୧୫/୭(ନି/ପ୍ର) :ଆଜ୍ଞାମାଳ ବିଜେ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଥଯାତ୍ରା ପ୍ରସ୍ତୁତି ଓ ନୀତିକାନ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ବେଶ ସୂଚାରୁ ଭାବେ ସମ୍ପନ୍ନ ହୋଇଛି । ଆଜି ମଧ୍ୟ ଉଭାରେ ନୀତିକାନ୍ତି ନିର୍ଦ୍ଧାରିତ ସମୟ ଓ ପରମ୍ପରା ଅନୁଯାୟୀ ଚାଲିଥିବା ସେ କହିଛନ୍ତି । ଆସନ୍ତାକାଲି ସକାଳ ୯ଟାରୁ ସାଢ଼େ ୯ଟା ମଧ୍ୟରେ ମହାପ୍ରଭୁଙ୍କ ପହଣ୍ଡି ନୀତି ଆରମ୍ଭ ହେବ ବୋଲି ପ୍ରଶାସନ ଆଶାବାଦୀ । ଏହାକୁ ସୂଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ରହିଛି ।ରଥଯାତ୍ରାରେ ଶୃଙ୍ଖଳା ରକ୍ଷା ପାଇଁ କଠୋର ନିୟମ ଲାଗୁ କରାଯାଇଛି । କୌଣସି ଅନଧିକୃତ ବ୍ୟକ୍ତିଙ୍କୁ ରଥ ଉପରକୁ ଚଢ଼ିବାକୁ ଅନୁମତି ଦିଆଯିବ ନାହିଁ । ସେହିପରି ରଥ ଉପରେ ମୋବାଇଲ ଫୋନ ବ୍ୟବହାର ମଧ୍ୟ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ସମସ୍ତ କାର୍ଯ୍ୟକଳାପର ଭିଡିଓଗ୍ରାଫି କରାଯିବ ଏବଂ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ସ୍ପଷ୍ଟ କରିଛନ୍ତି । ଏହାସହ ଆଜି ମୁଖ୍ୟମନ୍ତ୍ରୀ ପୁରୀ ଗସ୍ତରେ ଆସି ଡିଜିଟାଲ ହୁଣ୍ଡି ବ୍ୟବସ୍ଥାର ଲୋକାର୍ପଣ କରିବେ ବୋଲି ସୂଚନା ମିଳିଛି । ରଥଯାତ୍ରା ଦିନ ଭିଆଇପିଙ୍କ ସହ ସାଧାରଣ ଭକ୍ତମାନଙ୍କ ପାଇଁ ମଧ୍ୟ ସୁବ୍ୟବସ୍ଥିତ ଦର୍ଶନ ଓ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ମୁଖ୍ୟ ପ୍ରଶାସକ କହିଛନ୍ତି ।

## ଭାରତର ଲମ୍ବା ଯୁଦ୍ଧ ପ୍ରସ୍ତୁତି ! ୧୦ ଲକ୍ଷ କୋଟିର ପ୍ରତିରକ୍ଷା ଚୁକ୍ତି

### ୧୪ ମାସରେ ବଦଳିଲା ଅସ୍ତ୍ରଶସ୍ତ୍ର କିଣିବା ପାର୍ଟର୍ନ



ନୂଆଦିଲ୍ଲୀ,୧୫/୭: 'ଅପରେସନ ସିନ୍ଦୂର' ପରେ ଭାରତର ପ୍ରତିରକ୍ଷା କ୍ରୟର ଢାଂଚା ତୀବ୍ର ଗତିରେ ବଦଳିଛି । ଗତ ୧୪ ମାସରେ ମଞ୍ଜୁର ହୋଇଥିବା ରେକର୍ଡ ପ୍ରସ୍ତାବରୁ ଏହା ସଙ୍କେତ ମିଳୁଛି ଯେ, ସେନାକୁ ଏବେ କେବଳ ସୀମିତ ଜବାବୀ କାର୍ଯ୍ୟାନୁଷ୍ଠାନ ପାଇଁ ନୁହେଁ ବରଂ ଲମ୍ବା ଏବଂ ଏକାଧିକସ୍ତରୀୟ ବା ମଲ୍ଟିଲେବଲ ଯୁଦ୍ଧ ପାଇଁ ପ୍ରସ୍ତୁତ କରାଯାଉଛି । ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ପରଠାରୁ ଡିଫେନ୍ସ ଆକ୍ୱିଜିସନ କାଉନସିଲ ୫୫ ପ୍ରସ୍ତାବକୁ ମଞ୍ଜୁରି ଦେଇଛି, ଯାହାର ମୂଲ୍ୟ ୯.୮୦ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ । ଏହି ଟଙ୍କା ଏକସଙ୍ଗରେ ଖର୍ଚ୍ଚ ହେବନାହିଁ ବରଂ କିଛି ବର୍ଷ ପର୍ଯ୍ୟନ୍ତ ପୃଥକ ଚୁକ୍ତି, ନିର୍ମାଣ କାର୍ଯ୍ୟକ୍ରମ ଏବଂ ଆଧୁନିକୀକରଣ ଯୋଜନାରେ ବ୍ୟୟ କରାଯିବ । ଲମ୍ବା ଯୁଦ୍ଧ ପାଇଁ ପ୍ରସ୍ତୁତିର ମୁଖ୍ୟ କାରଣ ହେଉଛି ଏବେ ସଂଘର୍ଷ ହେବା ସାଧାରଣ କଥା ହେବାରେ ଲାଗିଛି । ଯୁଦ୍ଧ ଆରମ୍ଭ ହେବା ପରେ ତାହା ଥମିବା ବି ସହଜ ହେଉନି । ଅନ୍ୟ କାରଣ ହେଉଛି, ଲମ୍ବା ଏବଂ ଆର୍ଥିକ ଭାବେ କ୍ଷତି ପହଚାଂଉଥିବା ଯୁଦ୍ଧକୁ ବି ଜାରି ରଖାଯାଇପାରିବ । ନୂଆ ପ୍ରସ୍ତାବଗୁଡ଼ିକର ଲକ୍ଷ୍ୟ ହେଉଛି ମାସ ମାସ ଧରି ଅସ୍ତ୍ରଶସ୍ତ୍ର ପର୍ଯ୍ୟାପ୍ତ ହୋଇପାରିବ, ଦ୍ରୁତଗତିରେ ମରାମତି କାର୍ଯ୍ୟ ତ୍ୱରାନ୍ୱିତ ଏବଂ ଯୋଗାଣ ବଜାୟ ରହିପାରିବ । ୟୁକ୍ରେନ ଏବଂ ପଶ୍ଚିମ ଏସିଆରେ ଲମ୍ବା ଯୁଦ୍ଧ ଭାରତର ସୈନ୍ୟ ଚିନ୍ତାଧାରାରେ ପରିବର୍ତ୍ତନ ଆଣିଥିବା ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତ । ଅନ୍ୟପକ୍ଷରେ, ଅପରେସନ ସିନ୍ଦୂରରେ ବ୍ରହ୍ମୋସ୍, ଆକାଶ, ଲଏଟୋରିଂ ମ୍ୟୁନେସନ, ନେତ୍ର ଭଳି ଭାରତୀୟ ଅସ୍ତ୍ରଶସ୍ତ୍ରର ବ୍ୟବହାର ପରେ ଦୁନିଆରେ ଏହାର ଚାହିଦା ବଢ଼ିଛି । ଅନେକ ଦେଶ ଏହି ହତିଆରକୁ କ୍ରୟ କରିବାକୁ ରୁଚି ଦେଖାଇଛନ୍ତି । କିଛି ଦେଶ ସହ ହଜାର ହଜାର କୋଟି ଟଙ୍କାର ଚୁକ୍ତି ମଧ୍ୟ ହୋଇସାରିଛି । ଏହାର ମୂଲ୍ୟ ପ୍ରାୟ ୨୧ ହଜାର କୋଟି ଟଙ୍କାରୁ ଅଧିକ ହେବ । ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ, ୨୦୨୫- ୨୬ରେ ଭାରତର ପ୍ରତିରକ୍ଷା ରପ୍ତାନୀ ରେକର୍ଡ ୩୮,୪୨୪ କୋଟି ଟଙ୍କାରେ ପହଚିଂଥିଲା, ଯାହା କି ଗତ ବର୍ଷ ତୁଳନାରେ ୬୨ ପ୍ରତିଶତରୁ ଅଧିକ ।

15001/83/2627



ପବିତ୍ର ରଥଯାତ୍ରା ଅବସରରେ
ଓଡ଼ିଶାର
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମପାଟି)



ପବିତ୍ର ରଥଯାତ୍ରା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ମହାପ୍ରଭୁଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଭ୍ରାତୃତ୍ୱ ଓ ସମାନତାର ପ୍ରତୀକ । ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ଜାତି, ଧର୍ମ ଓ ଭେଦଭାବ ଭୁଲି ସମସ୍ତଙ୍କୁ ଏକାଠି ବାନ୍ଧି ରଖୁଥିବାର ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ ।

ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR- 15001/15001/2/26-27/0083




## କେନ୍ଦୁଝର ସମାଚାର

**A.R. KHAN**

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ଓଡ଼ିଶାର ସ୍ୱତନ୍ତ୍ର ଧାନ ବିପ୍ଳବର ନେତୃତ୍ୱ ନେଉଛି କେନ୍ଦୁଝର



କେନ୍ଦୁଝର,୧୫/୭(ନି/ପ୍ର) : ଓଡ଼ିଶାର କୃଷି କ୍ଷେତ୍ର ପାଇଁ ଏକ ସ୍ମରଣୀୟ ସଫଳତା ସ୍ୱରୂପ, ଆଜି କେନ୍ଦୁଝରରୁ ସ୍ୱତନ୍ତ୍ର ଧାନର ପ୍ରଥମ ରପ୍ତାନି-ଭିତ୍ତିକ ବିପଣନର ଶୁଭାରମ୍ଭ କରାଯାଇଛି । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ତଥା ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା 'ରାଇସ୍ ଭାଲ୍ୟୁ ଆଡିସନ୍ ପ୍ରୋଜେକ୍ଟ' ଅଧୀନରେ ଏହି ସଫଳତା ହାସଲ ହୋଇଛି । ଏହି ଅବସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ କେନ୍ଦୁଝର ଶ୍ରୀ ଅନନ୍ତ ନାୟକ, ମାନ୍ୟବର ଅଧ୍ୟକ୍ଷ ଜିଲ୍ଲା ଯୋଜନା କମିଟି ତଥା ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ମାନ୍ୟବର ବିଧାୟକ ଘଷିପୁରା ଶ୍ରୀ ବଦ୍ରି ନାରାୟଣ ପାତ୍ର, ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ଏବଂ କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିସହ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ପ୍ରତିନିଧି ଶ୍ରୀ ଜ୍ଞାନଦୀପ ପାଣ୍ଡିଆ, ଡଃ ପ୍ରିୟବ୍ରତ ରାୟ, ମହମ୍ମଦ ସୁଲତାନ, କେନ୍ଦୁଝର ସଦର କୃଷକ କୃଷି-ଇ ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡର ପ୍ରତିନିଧି, ଚାଷୀ ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।ଏହା ସ୍ୱତନ୍ତ୍ର ଧାନ ଚାଷକୁ ଏକ ଅଧିକ ଲାଭଜନକ, ବଜାର-କେନ୍ଦ୍ରିକ ବ୍ୟବସାୟରେ ପରିଣତ କରିବା ସହ ସ୍ଥାୟୀ ଓ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଦୂରଦୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ।ଏହି ଚାଲାଣରେ 'କେନ୍ଦୁଝର ସଦର କୃଷକ କୃଷି-ଇ ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ'ର ଚାଷୀମାନଙ୍କ ଦ୍ୱାରା ଜୈବିକ ପଦ୍ଧତିରେ ଉତ୍ପାଦିତ ଦୁଇଟି କିସମ ଯଥା 'କଳାମଲ୍ଲୀ କଳା ଧାନ' ଏବଂ 'ଜାସମିନ୍ ଧାନ' ସାମିଲ ରହିଛି, ଯାହାକୁ ହରିୟାଣାରେ ଥିବା ପ୍ରତୀତି ଅର୍ଗାନିକ ଫୁଡ୍ସ କେନ୍ଦ୍ରକୁ ମିଲିଂ ଏବଂ ପ୍ୟାକେଜିଂ ପାଇଁ ପଠାଯିବ । ଏହାପରେ ଆନ୍ତର୍ଜାତୀୟ ଗୁଣବତା, ସ୍ୱଚ୍ଛତା ଏବଂ ମୂଲ୍ୟ ନିର୍ଣ୍ଣିତ କରି ଏହାକୁ ୟୁରୋପର ବଜାରକୁ ରପ୍ତାନି କରାଯିବ ।ଏହି ବଜାର ସଂଯୋଗୀକରଣ ଦ୍ୱାରା ପାରମ୍ପରିକ ବଜାର ତୁଳନାରେ ଚାଷୀମାନେ ୪୦-୫୦% ଅଧିକ ମୂଲ୍ୟ ପାଇପାରିବେ ବୋଲି ଆଶା କରାଯାଉଛି । ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ମାଧ୍ୟମରେ ଏକତ୍ରୀକରଣ, ଜୈବିକ ଉତ୍ପାଦନ, ମୂଲ୍ୟ ସଂଯୋଜନ ଏବଂ ବିଶ୍ୱ ବଜାରକୁ ସିଧାସଳଖ ପ୍ରବେଶ ଚାଷୀଙ୍କ ଆୟକୁ କିଭଳି ବହୁଗୁଣିତ କରିପାରିବ, ଏହା ତାର ଏକ ବଡ଼ ଉଦାହରଣ ।ସଭାକୁ ସମ୍ବୋଧିତ କରି ଅତିଥିମାନେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଧାନ ଚାଷ, ଜୈବିକ କୃଷି, ଚାଷୀ-ଚାଳିତ ଉଦ୍ୟୋଗ ଏବଂ ରପ୍ତାନି-ଭିତିକ ମୂଲ୍ୟ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସକୁ ପ୍ରଶଂସା କରିଥିଲେ । ସେମାନେ ଗୁରୁତ୍ୱ ଦେଇ କହିଥିଲେ ଯେ, ଉନ୍ନତ କୃଷିଜାତ ଦ୍ରବ୍ୟ ପାଇଁ ବଜାର ସଂଯୋଗୀକରଣକୁ ମଜବୁତ କରିବା ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ହେବ, ମହିଳା ଉଦ୍ୟୋଗୀମାନେ ସଶକ୍ତ ହେବେ ଏବଂ ଆନ୍ତର୍ଜାତୀୟ ବଜାରରେ ଓଡ଼ିଶା ଉଚ୍ଚ ଗୁଣବତା ସମ୍ପନ୍ନ ସ୍ୱତନ୍ତ୍ର ଧାନର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହୋଇପାରିବ ।କେନ୍ଦୁଝରରୁ ଏହି ସଫଳ ପରିବହନ କେବଳ ଏକ ବ୍ୟବସାୟିକ ଚାଲାଣ ନୁହେଁ—ଏହା ବିଶ୍ୱର ଗ୍ରାହକମାନଙ୍କ ପାଇଁ ଉଚ୍ଚ ଗୁଣବତ୍ତାର ଧାନ ଉତ୍ପାଦନ କରିବାରେ ଓଡ଼ିଶାର ଚାଷୀଙ୍କ ବଢୁଥିବା ଆତ୍ମବିଶ୍ୱାସକୁ ଦର୍ଶାଉଛି । ଓଡ଼ିଶା ସରକାର, ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଏବଂ ବେସରକାରୀ କ୍ଷେତ୍ରର ସହଯୋଗୀମାନଙ୍କ ମଧ୍ୟରେ ଏହି ସହଭାଗିତା ସାମଗ୍ରିକ କୃଷି ବିକାଶ ପାଇଁ ଏକ ଅନୁକରଣୀୟ ମଡେଲ ସୃଷ୍ଟି କରିଛି ।ଏହି ସ୍ମରଣୀୟ ପ୍ରଥମ ରପ୍ତାନି-ଭିତ୍ତିକ ଚାଲାଣ ସହିତ କେନ୍ଦୁଝର ସମଗ୍ର ଓଡ଼ିଶା ପାଇଁ ଏକ ନୂତନ ପଥ ପ୍ରଦର୍ଶିତ କରିପାରିଛି । ଏହି ପଦକ୍ଷେପ ପ୍ରମାଣିତ କରୁଛି ଯେ ବୈଜ୍ଞାନିକ ସହାୟତା, ଜୈବିକ ଉତ୍ପାଦନ ପଦ୍ଧତି ଏବଂ ଦୃଢ଼ ବଜାର ସହଭାଗିତା ବଳରେ ଓଡ଼ିଶାର ଅନନ୍ୟ ସ୍ୱତନ୍ତ୍ର ଧାନ ଆନ୍ତର୍ଜାତୀୟ ବଜାରରେ ସଫଳତାର ସହ ପହଁଚିପାରିବ, ଯାହା ଚାଷୀଙ୍କୁ ଅଧିକ ଆୟ ପ୍ରଦାନ କରିବା ସହ ସ୍ଥାୟୀ କୃଷିକୁ ଆଗକୁ ବଢ଼ାଇବାରେ ବେଶ ସହାୟକ ହେଇପାରିବ ।



କେନ୍ଦୁଝରରେ ଶ୍ରୀଜୀଉ ଙ୍କ ନବଯୌବନ ଦର୍ଶନ

# ସାମ୍ବାଦିକ ପେନସନ ଯୋଜନା ଆଲୋଚନାଚକ୍ର

କେନ୍ଦୁଝର,୧୫/୭(ନି/ପ୍ର) : ଜୁନ ୨୩ରେ ଉଚ୍ଚ ନ୍ୟାୟାଳୟ ଓଡିଶା ସାମ୍ବାଦିକଙ୍କ ସୁରକ୍ଷା ନିମନ୍ତେ ଦେଇଥିବା ଏକ ରାୟ ପରିପେକ୍ଷୀରେ ଏକ ଆଲୋଚନା ଚକ୍ର କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପ୍ରକୋଷ୍ଠରେ ଆୟୋଜିତ ହୋଇଯାଇଛି ଏସଜେଏଓ ରାଜ୍ୟ ସଭାପତି କାହ୍ନୁ ଚରଣ ନନ୍ଦ, ଉପସଭାପତି ପ୍ରଦୀପ୍ତ କିଶୋର ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ସଂଗଠନ ସମ୍ପାଦକ ବିପ୍ଳବ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ସିଓଏନଟିସି ନମ୍ବର ୧୧୮୯ ଅଫ ୨୦୨୬ ରେ ସିନିଅର ଜର୍ଣ୍ଣାଲିଷ୍ଟ ଆସୋସିଏସନ ଓଡିଶାଙ୍କ ସପକ୍ଷରେ ରାୟ ଦେଇ ରାଜ୍ୟ ରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ମାନଙ୍କପାଇଁ ପେନସନ ଯୋଜନା ତିନିମାସ ମଧ୍ୟରେ ଲାଗୁ କରିବାକୁ ନିର୍ଦ୍ଦେଶ ଦେବା ସମ୍ପର୍କ ରେ ଆଲୋକପାତ କରିଥିଲେ, ବହୁଦିନରୁ ରାଜ୍ୟର ବିଭିନ୍ନ ସାମ୍ବାଦିକ ସଂଗଠନ ଏ ସମ୍ପର୍କ ପ୍ରଚେଷ୍ଟା ଜାରି ରଖିଥିଲେ ମଧ୍ୟରେ ଏସଜେଏଓ ଯେଉଁ ସଫଳତା ପାଇଛି ତାହା ସମଗ୍ର ସାମ୍ବାଦିକ ଙ୍କ ପାଇଁ ଉତ୍ସର୍ଗ ବୋଲି କହିଥିଲେ, ଜିଲ୍ଲାର ଚମ୍ପୁଆ, ଆନନ୍ଦପୁର, ଯୋଡ଼ା, ବଡ଼ବିଲ, କେନ୍ଦୁଝର ଆଦି ଅଂଚଳ ରୁ ବହୁ ସାମ୍ବାଦିକ ଯୋଗଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିବା ସହିତ ନିଜ ନିଜ ମତ ବ୍ୟକ୍ତ କରିଥିଲେ, ଆବାହକ ରାଜେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମ୍ବାଦିକ ଜୁଗୁଲି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଅବସରରେ ଚମ୍ପୁଆ ନଗରଠାରେ ନଗର ସମ୍ମିଳନୀ

କେନ୍ଦୁଝର,୧୫/୭(ନି/ପ୍ର) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦୁଝର ଜିଲ୍ଲା ଚମ୍ପୁଆ ନଗର ତରଫରୁ ଏବିଭିପି ର ୭୮ତମ ସ୍ଥାପନା ଦିବସ ତଥା ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଅବସରରେ ଚମ୍ପୁଆ ନଗରଠାରେ ନଗର ସମ୍ମିଳନୀ ଏବଂ ପଦ ଯାତ୍ରା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶେଷ ଭାବରେ ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ , ପୂର୍ବ କ୍ଷେତ୍ର ଏସଏଫଏସ ସଂଯୋଜକ ଅଜିତ୍ କୁମାର ମହାନ୍ତ, ରାଜ୍ୟ କାର୍ଯ୍ୟ ସମିତି ସଦସ୍ୟ ସମୀର କୁମାର ବାରିକ, ମୟୁରଭଞ୍ଜ ବିଭାଗ ଖେଲୋ ଭାରତ ସଂଯୋଜକ ସ୍ୱରାଜ କେତନ ମହାନ୍ତ ଏବଂ ଜିଲ୍ଲା ସଂଯୋଜକ ସୋମନାଥ ମହାନ୍ତ ଉପସ୍ଥିତ ଥିଲେ ।

# ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଂଟର ଓ ଦକ୍ଷତା ବିକାଶ ଅନୁଷ୍ଠାନରେ ଅଗ୍ନି ନିରାପତା ବ୍ୟବସ୍ଥାର ଅଡିଟ୍ ଓ ସମୀକ୍ଷା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୧୫/୭(ନି/ପ୍ର): ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, କୋଚିଂ ସେଂଟର ଏବଂ ଦକ୍ଷତା ବିକାଶ ଅନୁଷ୍ଠାନଗୁଡ଼ିକରେ ଅଗ୍ନି ନିରାପତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜୁମ୍ ମାଧ୍ୟମରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଉପଲବ୍ଧ ଅଗ୍ନି ନିରାପତା ବ୍ୟବସ୍ଥାର ବିସ୍ତୃତ ସମୀକ୍ଷା କରାଯାଇଥିଲା । ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅନ୍ୟ ସମସ୍ତଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଅଗ୍ନି ନିରାପତା ସମ୍ପର୍କିତ ସମସ୍ତ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଯେ, ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଂଟର ଏବଂ ଦକ୍ଷତା ବିକାଶ ଅନୁଷ୍ଠାନରେ ଅଗ୍ନି ନିରାପତା ବ୍ୟବସ୍ଥାର ସ୍ୱତନ୍ତ୍ର ଅଡିଟ୍ କରାଯିବ । ଏହି ଅଡିଟ୍ ମାଧ୍ୟମରେ ଅଗ୍ନି ନିର୍ବାପକ ଯନ୍ତ୍ର, ଫାୟାର ଆଲାର୍ମ ବ୍ୟବସ୍ଥା, ଜରୁରୀକାଳୀନ ନିର୍ଗମ ପଥ, ବିଦ୍ୟୁତ ସୁରକ୍ଷା, ଅଗ୍ନି ନିର୍ବାପଣ ସରଞ୍ଜାମର କାର୍ଯ୍ୟକ୍ଷମତା ଓ ପ୍ରଯୁଜ୍ୟ କ୍ଷେତ୍ରରେ ବୈଧ ଅଗ୍ନି ନିରାପତା ପ୍ରମାଣପତ୍ରର ଯାଂଚ କରାଯିବ । ଅଡିଟ୍ ସମୟରେ ଚିହ୍ନଟ ହେଉଥିବା ତ୍ରୁଟିଗୁଡ଼ିକର ତୁରନ୍ତ ସଂଶୋଧନ ସୁନିଶ୍ଚିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ନିୟମିତ ଅଗ୍ନି ନିରାପତା ଯାଂଚ, ଜରୁରୀକାଳୀନ ନିର୍ଗମ ପଥକୁ ସର୍ବଦା ଖୋଲା ଓ ସୁଚିହ୍ନିତ ରଖିବା, ସଚେତନତା କାର୍ଯ୍ୟକ୍ରମ ଏବଂ ନିୟମିତ ମକ୍ ଡ୍ରିଲ୍ ଆୟୋଜନ କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ କୁହାଯାଇଥିଲା । ଅଗ୍ନିଶମ ସେବା ବିଭାଗକୁ ସମସ୍ତ ଶିକ୍ଷାନୁଷ୍ଠାନକୁ ଆବଶ୍ୟକ ବୈଷୟିକ ସହାୟତା, ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଦକ୍ଷତା ବିକାଶ ବିଭାଗ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରସ୍ପର ସମନ୍ୱୟ ରକ୍ଷା କରି ନିର୍ଦ୍ଦେଶାବଳୀର ଶତପ୍ରତିଶତ କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ କହିଥିଲେ ଯେ, ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଗ୍ନି ନିରାପତା କେବଳ ଏକ ଆଇନଗତ ବାଧ୍ୟବାଧକତା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ଜୀବନର ସୁରକ୍ଷା ସହ ଜଡ଼ିତ ଏକ ସାମୂହିକ ଦାୟିତ୍ୱ । ତେଣୁ ଯେକୌଣସି ଅଘଟଣକୁ ଏଡ଼ାଇବା ଏବଂ ଏକ ସୁରକ୍ଷିତ ଶିକ୍ଷା ପରିବେଶ ଗଠନ କରିବା ପାଇଁ ସମସ୍ତ ଅନୁଷ୍ଠାନ ଅଗ୍ନି ନିରାପତା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଆବଶ୍ୟକ । ଏହି ଭର୍ଚୁଆଲ୍ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଆସିଷ୍ଟାଂଟ ଫାୟାର ଅଫିସର ପ୍ରଶାନ୍ତ କୁମାର ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଡେପୁଟି କଲେକ୍ଟର ସୁଭଦର୍ଶିନୀ ଦାସଙ୍କ ସମେତ ସମ୍ପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ ।

# ମାର୍ଶାଘାଇରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର

କେନ୍ଦ୍ରାପଡ଼ା,୧୫/୭(ନି/ପ୍ର) :ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ଦ୍ୱାରରେ ପହଂଚାଇବା ଲକ୍ଷ୍ୟରେ ଆଜି ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଦ୍ଧାର୍ଥ କାଟାରିଆଙ୍କ ଉପସ୍ଥିତିରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଅଭିଯୋଗକାରୀମାନେ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପସ୍ଥାପନ କରିଥିଲେ । ମୋଟ ୧୨୧ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ୯୫ଟି ବ୍ୟକ୍ତିଗତ ଏବଂ ୨୬ଟି ସାମୂହିକ ଅଭିଯୋଗ ଥିଲା । ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବିଦ୍ୟୁତ ସେବା, ଜଳସେଚନ, ବ୍ୟାଙ୍କିଙ୍ଗ ସେବା, ରାସ୍ତାଘାଟ, ରାଜସ୍ୱ ଏବଂ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କିତ ଅଭିଯୋଗ ପ୍ରମୁଖ ରହିଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୩ଟି ମାମଲାର ସ୍ଥଳରେ ତୁରନ୍ତ ସମାଧାନ କରାଯାଇଥିଲା । ସେହିପରି ୬ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୋଟ ୨୮,୦୦୦ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା । ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ଏବଂ ପ୍ରଭାବଶାଳୀ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ତୁରନ୍ତ ପ୍ରେରଣ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆୟର ଅଭିଯୋଗଗୁଡ଼ିକର ଗୁରୁତ୍ୱକୁ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରତ୍ୟେକ ମାମଲାର ଗୁଣାତ୍ମକ ଓ ସମୟବଦ୍ଧ ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ମାର୍ଶାଘାଇ ବ୍ଲକର ବିଡିଓ, ତହସିଲଦାରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣୀ କରିଥିଲେ । ସୂଚନାଯୋଗ୍ୟ ଯେ, ଜୁଲାଇ ମାସର ପରବର୍ତ୍ତୀ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ୨୦ ଜୁଲାଇରେ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ଏବଂ ୨୭ ଜୁଲାଇରେ ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଏହି ଶିବିରଗୁଡ଼ିକରେ ଜନସାଧାରଣ ଉପସ୍ଥିତ ରହି ସେମାନଙ୍କର ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ବ୍ରଜ ମହାକାଳୀ ଉଚ୍ଚ ବିଦ୍ୟାଳୟରେ ଅନନ୍ୟ ବନ୍ଧୁ ମିଳନ

କେନ୍ଦ୍ରାପଡ଼ା,୧୫/୭(ନି/ପ୍ର) :କେନ୍ଦ୍ରାପଡ଼ା ଜିଲ୍ଲାର ଜରିଆବାଡ଼ସ୍ଥିତ ବ୍ରଜ ମହାକାଳୀ ଉଚ୍ଚ ବିଦ୍ୟାଳୟର ୨୦୦୩ ବ୍ୟାଚ୍‌ର ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ 'ଅନନ୍ୟ ବନ୍ଧୁ ମିଳନ-୨୦୨୬' ଭବ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୨୩ ବର୍ଷ ପରେ ଏକାଠି ହୋଇଥିବା ସହପାଠୀମାନେ ନିଜ ବିଦ୍ୟାଳୟ ଜୀବନର ଅନେକ ଅଭୁଲା ସ୍ମୃତିକୁ ରୋମନ୍ଥନ କରିବା ସହ ପରସ୍ପର ସହ ଭାବବିହ୍ୱଳ ମୁହୂର୍ତ୍ତ ବିତାଇଥିଲେ । ଏହି ସ୍ମରଣୀୟ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲେ । ନିଜ ଅଭିଭାଷଣରେ ସେ ଶିକ୍ଷା, ଶୃଙ୍ଖଳା, ମାନବିକ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱବୋଧର ଗୁରୁତ୍ୱ ଉପରେ ଆଲୋକପାତ କରି ପୂର୍ବତନ ଛାତ୍ରଛାତ୍ରୀମାନଙ୍କୁ ସମାଜ ପ୍ରତି ସେବାମୂଳକ ମନୋଭାବ ରଖିବାକୁ ଆହ୍ୱାନ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ରବୀନ୍ଦ୍ର ପରିଡ଼ା, ଶ୍ରୀ ସୌମେନ୍ଦ୍ର ପରିଡ଼ା, ଶ୍ରୀ ବିଜୟ କୁମାର ପରିଡ଼ା, ଶ୍ରୀ ସୁରେନ୍ଦ୍ର ଧଳ, ଶ୍ରୀ ଶୈଳେନ୍ଦ୍ର ମହାପାତ୍ର, ଶ୍ରୀ ପ୍ରଦୀପ କୁମାର ପରିଡ଼ା ଓ ଶ୍ରୀ ଅଲେଖ ଦାସ ପ୍ରମୁଖ ଉପସ୍ଥିତ ରହି ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ସଫଳ ଜୀବନ ପାଇଁ ଦିଗଦର୍ଶନ ଦେଇଥିଲେ ।

# ସର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ, ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଲେ ଛାତ୍ରଛାତ୍ରୀ





ପାରଳାଖେମୁଣ୍ଡି,୧୫/୭(ନି/ପ୍ର): ପାରଳାଖେମୁଣ୍ଡି ସହରର ପେଲେସ ରୋଡ଼ସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ସତ୍ୟ ସାଇ ବିଦ୍ୟାବିହାରରେ ମଙ୍ଗଳବାର ସକାଳେ ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଚିଂ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ । ଏହି ଘଟଣାରେ କୌଣସି ଛାତ୍ରଛାତ୍ରୀ କିମ୍ବା କର୍ମଚାରୀ ଆହତ ହୋଇନଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ସକାଳେ ବିଦ୍ୟାଳୟ ଖୋଲିବା ପରେ ପ୍ରାର୍ଥନା ସାରି ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହକୁ ଯାଉଥିବା ବେଳେ ହଠାତ୍ ବିଦ୍ୟାଳୟର କମ୍ପ୍ୟୁଟର ରୁମ୍‌ରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା । ପରିସ୍ଥିତିକୁ ଅନୁଭବ କରି ଶିକ୍ଷକମାନେ ତୁରନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ସ୍ଥାନାନ୍ତର କରିବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ପହଚିଂ ନିଆଁକୁ ସଫଳତାର ସହ ଆୟତ୍ତ କରିଥିଲେ । ପ୍ରାଥମିକ ତଦନ୍ତରୁ କମ୍ପ୍ୟୁଟର ରୁମ୍‌ରେ ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି ।

# ବାରହା ଆକ୍ରମଣରେ ୩ ଗୁରୁତର



ଅନୁଗୋଳ,୧୫/୭(ନି/ପ୍ର) : ଅନୁଗୋଳ ଜିଲ୍ଲା ବନ୍ତଳା ବନାଚଂଳ ନୂଆକ୍ଷେତ ବିଟ ବଡ କନ୍ତକୂଳ ପଚାଂୟତ ସିନ୍ଦିରି ସାହି ଠାରେ ବାରହା ଆକ୍ରମଣରେ ତିନି ଗୁରୁତର । ଗୁରୁତର ମାନେ ହେଲେ ସିନ୍ଦିରି ସାହିର ଅଭୟ ସାମଲଙ୍କ ସ୍ତ୍ରୀ ସରୋଜିନୀ ସାମଲ (୬୫), ସରତ ସାମଲଙ୍କ ପୁଅ ମଟୁଂ ସାମଲ (୨୮), ଲକ୍ଷ୍ମଣ ନାଏକ ଙ୍କ ପୁଅ କ୍ରିଷ୍ଣା ନାଏକ (୩୨) । ସୂଚନା ଯେ, ଆଜି ସକାଳ ସମୟରେ ଘର ନିକଟରେ ଥିବା ବିଲରେ ସରୋଜିନୀ, ମଟୁଂ, ତଳି କୁ ଜଗି ରହିଥିବା ବେଳେ କ୍ରିଷ୍ଣା ବନ୍ଧକୁ ଶୌଚ ପାଇଁ ଯାଇଥିଲେ ହଠାତ୍ ଜଙ୍ଗଲ ଆଡୁ ଏକ ବାରହା ଆସି ତିନି ଜଣ କୁ ଆକ୍ରମଣ କରିଥିଲା । ଯାହା ଫଳରେ ତିନି ଜଣ ଚିତ୍କାର କରିବା ରୁ ଅନ୍ୟ ଲୋକ ମାନେ ଆସି ବାରହା କୁ ଘୋଉଡ଼ାଇ ତିନି ଜଣ କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ । ଖବର ପାଇ ବନ ବିଭାଗ ପହଁଚି ବନ ବିଭାଗ ଗାଡିରେ ତିନି ଗୁରୁତର ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ । ସରୋଜିନୀ ଙ୍କ ହାତ, କାନ୍ଧ, ପିଠି, ପେଟ ଗଭୀର ଆଘାତ ଲାଗି ଥିବା ବେଳେ କ୍ରିଷ୍ଣା ଙ୍କର ଜଂଘ, ଗୋଡ଼ ଓ ଡାହାଣ ହାତର ଦୁଇଟି ଆଙ୍ଗୁଠି ଛିଡିଯାଇଥିବା ବେଳେ ମଟୁଂଙ୍କ ଛାତି, ହାତ ଏବଂ ଗୋଡ଼ ରେ ଗଭୀର ଆଘାତ ଲାଗି ଥିବା ନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷ କହିଛନ୍ତି ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ସକାଳେ ବଡ଼ଚଣା ବ୍ଲକର ପ୍ରସିଦ୍ଧ ମହାବିନାୟକ ପୀଠ ଦର୍ଶନ ଓ ପୂଜାର୍ଚ୍ଚନା କରି ପଟଂଦେବତାଙ୍କ ଆଶିଷ ଭିକ୍ଷା କରିଛନ୍ତି

# ଗ୍ୟାସ୍ ଟାଙ୍କି ଲିକ୍ ହୋଇ ଅଗ୍ନିକାଣ୍ଡ

କେନ୍ଦୁଝର,୧୫/୭(ନି/ପ୍ର) :ବାଂଶପାଳ ହାଟପଡ଼ିଆରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ସାପ୍ତାହିକ ହାଟ ଚାଲିଥିବା ସମୟରେ ହଠାତ୍ ଏକ ଟିଫିନ୍ ସେଂଟରରେ ଗ୍ୟାସ୍ ଟାଙ୍କି ଲିକ୍ ହୋଇ ଭୟାବହ ନିଆଁ ଲାଗିଯାଇଥିଲା । ନିଆଁ ବନ୍ଦ ହୋଇନଥିବା ବେଳେ ସ୍ଥାନୀୟ ଅଂଚଳରେ ଭୟର ପରିବେଶ ସୃଷ୍ଟି ହୋଇଥଲା । ଦୋକାନୀ ଓ ସ୍ଥାନିୟ ଲୋକେ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହେବାରୁ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ସଙ୍ଗେ ସଙ୍ଗେ ନିଆଁକୁ ଆୟତ କରିଥିଲେ । ଅଗ୍ନିଶମ ବାହିନୀର ତତ୍ପରତା ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି । ଆଜିହାଟବାରିଥିବାରୁ ସ୍ଥାନୀୟ ଅଂଚଳରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା । ଅସାବଧାନତା ଯୋଗୁ ଏଭଳି ଘଟଣା ହୋଇଥିବା ବେଳେ ଅଗ୍ନିଶମ ବାହିନୀର ତତ୍ପରତା ଯୋଗୁଁ ବଡ଼ ଅଘଟଣ ଏଡ଼ାଇ ଦିଆଯାଇ ଥିବାବେଳେ ସ୍ଥାନିୟ ଅଂଚଳରେ ବିଭାଗର କାର୍ଯ୍ୟ ନେଇ ପ୍ରଶଂସାର ସୁଅ ଛୁଟିଛି ।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ଗୁରୁବାର ୧୬ ଜୁଲାଇ ୨୦୨୬

# ଜାତୀୟତାବାଦୀ କାନ୍ତକବି

ପ୍ରାକ୍-ସ୍ୱାଧୀନତା କାଳରେ ଯେଉଁ ପ୍ରଥିତଯଶା ସାରସ୍ୱତ ସାଧକମାନେ ନିଜର ସୃଷ୍ଟି ମାଧ୍ୟମରେ ଓଡ଼ିଶାର ଜାତୀୟ ଜୀବନକୁ ଋଦ୍ଧିମନ୍ତ କରିଥିଲେ, ସେମାନଙ୍କ ମଧ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ଥିଲେ ଅନ୍ୟତମ । ସେ ଥିଲେ ଭାରତୀୟ ମୁକ୍ତି ଆନ୍ଦୋଳନର ଏକ ଜ୍ୱଳନ୍ତ ଅଗ୍ନିଶିଖା ଓ ଜୀବନ୍ତ ଆଲେଖ୍ୟ । ବ୍ୟକ୍ତିଗତ ଜୀବନରେ ଦୁର୍ଗତି ଭିତରେ ଦୀପଶିଖାଟିଏ ହୋଇ ସେ ଜଳି ଜଳି ନିଃଶେଷ ହୋଇ ଯାଇଥିଲେ । କିନ୍ତୁ ତାଙ୍କ ଶକ୍ତିଶାଳୀ ଲେଖନୀର ଅମୃତ ସ୍ପର୍ଶରେ ସାହିତ୍ୟ ସୃଷ୍ଟି କରି ସେ ଦେଶବାସୀଙ୍କ ଅନ୍ତରରେ ଜାତୀୟତାର କଲ୍ଲୋଳ ଖେଳାଇ ଦେଇଥିଲେ । ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଏବଂ ଅସହଯୋଗ ଆନ୍ଦୋଳନର ଆହ୍ୱାନ ସମସ୍ତ ଦେଶରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ କରିଥିବା ବେଳେ କାନ୍ତକବିଙ୍କ ସାମନ୍ତ ଜମିଦାର ପରିବାର ତହିଁରୁ ବାଦ୍ ପଡ଼ିନଥିଲେ । କାନ୍ତକବି ନିଜର ପିତା, ଭାଇ, ଭଉଣୀ, ପୁତ୍ରମାନଙ୍କ ସହିତ ଜାତୀୟ ସଂଗ୍ରାମରେ ପ୍ରତ୍ୟକ୍ଷ ଭାବରେ ଭାଗ ନେଇଥିଲେ । ତାଙ୍କର ପିତା ଭାଗବତ ପ୍ରସାଦ ଇଂରେଜ ସରକାରଙ୍କ ଅନ୍ୟାୟ ପ୍ରତିବାଦରେ ବିହାର-ଓଡ଼ିଶା ଲେଜିସ୍‌ଲେଟିଭ କାଉନସିଲ୍‌ର ଭାଇସ୍ ପ୍ରେସିଡେଣ୍ଟ (ଉପ-ବାଚସ୍ପତି) ପଦରୁ ଇସ୍ତଫା ଦେଇଥିଲେ । ଭଗ୍ନୀ ଜାହ୍ନବୀ ଦେବୀ (ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କ ସହଧର୍ମିଣୀ) ଓ କୋକିଳା ଦେବୀ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ମହିଳାମାନଙ୍କ ନେତୃତ୍ୱ ନେଇ ଲବଣ ସତ୍ୟାଗ୍ରହ ସମୟରେ ଇଞ୍ଚୁଡ଼ିଠାରେ ଲୁଣ ମାରିଥିଲେ । ଭ୍ରାତା କମଳାକାନ୍ତ (ସେତେବେଳେ ବାଲେଶ୍ୱରରୁ ପ୍ରକାଶିତ ସାପ୍ତାହିକ 'ପ୍ରଜାତନ୍ତ୍ର'ର ସମ୍ପାଦକ)ଙ୍କୁ ବ୍ରିଟିଶ ଶାସକ ସରକାର ବିରୋଧୀ ଲେଖା ପାଇଁ ଗିରଫ କରି ପାଟନା ଜେଲ୍‌ରେ ଷଡ଼ଯନ୍ତ୍ର କରି ହତ୍ୟା କରିଥିଲେ ଏବଂ ଦୁଇ ପୁତ୍ର ନିତ୍ୟାନନ୍ଦ, ଗୌରଚନ୍ଦ୍ର କାରା ବରଣ କରି ଦୀର୍ଘ ସମୟ ପାଇଁ ଜେଲ୍ ଜୀବନ ବିତାଇ ଥିଲେ । ପରାଧୀନତାର ଜ୍ୱାଳା ଓ ଯନ୍ତ୍ରଣା, ବିଦେଶୀ ଶାସନର ଦୌରାତ୍ମ୍ୟ ଓ ତାଡ଼ନା କାନ୍ତକବିଙ୍କ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ତେଣୁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ଛନ୍ଦବଦ୍ଧ ସଙ୍ଗୀତ ମାଧ୍ୟମରେ ସେ ଓଡ଼ିଆ ଜାତିର ସୁପ୍ତ ପ୍ରାଣରେ ଉଗ୍ର ଜାତୀୟତା ମନୋଭାବ ଉଦ୍ରେକ କରିଥିଲେ । ସତ୍ୟବାଦୀ ସାହିତ୍ୟ ଗୋଷ୍ଠୀର ଉଗ୍ର ଜାତୀୟତାବାଦ ୧୯୨୮ ମସିହାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ମୃତ୍ୟୁ ପରେ ଶିଥିଳ ପଡ଼ି ଯାଇଥିଲା । ସେହି ପରିପ୍ରେକ୍ଷୀରେ କାନ୍ତକବିଙ୍କର ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଆବିର୍ଭାବ ଘଟିଥିଲା । ସେତେବେଳେ ତାଙ୍କ ଜ୍ୱାଳାମୟୀ ସଙ୍ଗୀତର ଉଦ୍‌ଘୋଷଣା ସାଧାରଣ ଜନତା ପ୍ରାଣରେ ଉତ୍କଳୀୟତା ସହ ମହାଭାରତୀୟତାର ଉଦ୍ଦୀପନା ସୃଷ୍ଟି କରିଥିଲା । ତାଙ୍କ ଦେଶାତ୍ମବୋଧକ ସଙ୍ଗୀତଗୁଡ଼ିକରେ ଜାତୀୟ ଚେତନାର ଗୁରୁଗମ୍ଭୀର ସ୍ୱର ଏତେ ତୀବ୍ର ଥିଲା ଯେ ଯୁବ ସମାଜ ଜାତୀୟ ସଂଗ୍ରାମର ବହ୍ନି ବଳୟ ଭିତରକୁ ଲମ୍ଫ ପ୍ରଦାନ କରିଥିଲେ । ଏପରିକି କାନ୍ତକବିଙ୍କ ଅଦମ୍ୟ ଜାତୀୟତା ପ୍ରୀତିକୁ ସମ୍ମାନ ଜଣାଇ ଓଡ଼ିଶାର ଅନ୍ୟତମ ଜନନାୟକ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ଅଭିନନ୍ଦନ ପତ୍ରରେ ଉଲ୍ଲେଖ କରିଥିଲେ, 'ଆପଣଙ୍କ ଚିନ୍ତା, ଆପଣଙ୍କ ଜାତୀୟତା, ଆପଣଙ୍କ ଲେଖାବଳୀ ଆମ୍ଭମାନଙ୍କୁ ନିରାଶାରେ ଆଶା ଦେଇଛି... । ଶତ ଶତ ଦେଶବାସୀଙ୍କ ସହ ମୁଁ ଆପଣଙ୍କୁ ଶ୍ରଦ୍ଧା ଓ ଭକ୍ତି କରେ । ଆପଣଙ୍କ ଜାତୀୟ ସଙ୍ଗୀତ ମୋ ପରି ବହୁ ତରୁଣ ହୃଦୟରେ ସ୍ପନ୍ଦନ ଆଣି ଦେଇଛି ।' କାନ୍ତକବି ତାଙ୍କ ବହୁମୁଖୀ ସାରସ୍ୱତ କାନ୍ତିରେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଉଜ୍ଜ୍ୱଳ କରି ଯାଇଛନ୍ତି । ହାସ୍ୟ ଓ କରୁଣାର ଦୁଇ ବିପରୀତମୁଖୀ ଧାରାକୁ ସେ ତାଙ୍କ ଲେଖନୀରେ ଯେଉଁଭଳି ରସ ପ୍ଳାବିତ କରି ଯାଇଛନ୍ତି, ତାହା ଅଭୂତପୂର୍ବ । ତାଙ୍କ ଲେଖନୀ ଥିଲା ଦୁଇଟି ସ୍ୱତନ୍ତ୍ର ଭାବର ଉତ୍ସ । ଗୋଟିଏ ପକ୍ଷରେ ତାଙ୍କ ଲେଖନୀରୁ ଝରୁଥିଲା ଅଶ୍ରୁର ସଙ୍ଗୀତ, ଯେଉଁଥିରେ ଥିଲା କରୁଣ ଆବେଗ ଓ ବେଦନା ଉଚ୍ଛଳ ହାହାକାର । ଅନ୍ୟ ପକ୍ଷରେ ସେହି ଲେଖନୀରୁ ମଧ୍ୟ ନିଃସୃତ ହେଉଥିଲା ଆମୋଦ ଉଲ୍ଲାସମୟ ବିଦ୍ରୂପ ଏବଂ ବ୍ୟଙ୍ଗର ହାସ୍ୟୋଜ୍ଜ୍ୱଳ ରଚନା । ନିଃସଙ୍ଗତାର ଅନ୍ଧକାରରେ ସେ ଲୀନ ହୋଇ ରହୁଥିଲେ, ବାହ୍ୟ ସଂସାରର ଅନ୍ତରାଳରେ । ପୁଣି ବନ୍ଧୁ ସମାଗମରେ ଅନ୍ୟକୁ ହସାଇ ଆମୋଦ ଉଲ୍ଲାସ ସହ ବିତାଉ ଥିଲେ । ତାଙ୍କ ଜୀବନର ଏହି ଦୁଇଟି ଦିଗ କାନ୍ତ ସାହିତ୍ୟରେ ପ୍ରତିବିମ୍ବିତ ହୋଇଛି । ସେହିପରି ଲକ୍ଷ୍ମୀକାନ୍ତଙ୍କ ଦେଶାତ୍ମବୋଧକ ରଚନାଗୁଡ଼ିକରେ ମଧ୍ୟ ଦୁଇଟି ଦିଗନ୍ତ ପରିଲକ୍ଷିତ ହୋଇଛି । ଗୋଟିଏ ଦିଗରେ ରହିଛି ଆବେଗ ଓ ଉଦ୍ଦାମତା, ଓଜସ୍ୱୀ ଭାବର ପ୍ରଖର ସ୍ଫୁରଣ । ଅନ୍ୟ ଦିଗଟିରେ ଅଛି ତାଙ୍କ ବ୍ୟଙ୍ଗ, ବିଦ୍ରୂପ ପ୍ରଧାନ ହାସ୍ୟରସର ଲଘୁ ପ୍ରବାହ । ପ୍ରଥମ ଭାଗର ଦେଶାତ୍ମବୋଧକ ସଙ୍ଗୀତଗୁଡ଼ିକରେ ଉଦ୍‌ବେଳ ସାଗରରେ ଗମ୍ଭୀର ଝଡ଼ର ଉନ୍ମତ୍ତ ନୃତ୍ୟ ପରିଲକ୍ଷିତ ହେଉଥିବା ବେଳେ ଦ୍ୱିତୀୟ ଭାଗର ଗତି ଓ ପ୍ରକୃତି ପ୍ରଧାନତଃ ଲଘୁ ଏବଂ ସରସ । କାନ୍ତକବିଙ୍କ ଦେଶାତ୍ମବୋଧର ଗୋଟିଏ ଦିଗରେ ରହିଛି ପ୍ରଚୁର ଭାବପ୍ରବଣତା । ସେହି ଭାବପ୍ରବଣତା ସାଧାରଣ ଜନତାଙ୍କ ମନରେ ଉନ୍ମାଦନା ଓ ଉତ୍ତେଜନାର ତରଙ୍ଗ ଖେଳାଇ ଦେଇଛି । ଦେଶାତ୍ମବୋଧର ଉତ୍ସାହ ଓ ଉଦ୍ଦୀପନାରେ ଆବିଷ୍ଟ ହୋଇ ଦେଶଭକ୍ତ ଜନତା ରାଷ୍ଟ୍ରକୁ ସଙ୍କଟରୁ ଉଦ୍ଧାର କରିବା ଲାଗି ନିଜର ଜୀବନ ବିସର୍ଜନ କରିବା ସକାଶେ ବ୍ୟାକୁଳ ହୋଇ ଉଠିଛି । ତାଙ୍କ ଦେଶାତ୍ମବୋଧର ଅନ୍ୟ ଦିଗଟିରେ ରହିଛି ଜାତି ପ୍ରୀତିର ପ୍ରାବଲ୍ୟ ବିଜଡ଼ିତ ହାସ୍ୟ ରସିକତା । ଉତ୍କଳର ଜୟଗାନ ଭିତରେ କାନ୍ତକବିଙ୍କର ଜାତୀୟତା ଭାବ ଉତ୍‌କୀର୍ଣ୍ଣ ହୋଇଛି । 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତର ହୃଦୟସ୍ପର୍ଶୀ ଭାଷା ବିନ୍ୟାସ, ସ୍ୱଚ୍ଛଳ ଭାବ ପ୍ରକାଶ ଏବଂ ଉତ୍କଳର ପ୍ରକୃତି, ସାଗର, ନଦୀ, ଗିରିବନ, ମନ୍ଦିର, ଝରଣା, କଳା, ଭାସ୍କର୍ଯ୍ୟ, କୃଷି, ବିଜ୍ଞାନ, ମୁନିଋଷି, ସୁରବୀର, କବିକୁଳଙ୍କ ମହିମା ଗାନରେ ମୁଖରିତ । ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ ଏହି ସଙ୍ଗୀତ ଗାନ ହେବା ମାତ୍ରେ ତାହା ସମବେତ ଜନତାଙ୍କ ମନରେ ଜନ୍ମଭୂମି ପ୍ରତି ଗଭୀର ପ୍ରେମର ପୁଲକ ସୃଷ୍ଟି କରିଥିଲା । ଜାତୀୟତା ଭାବନାରେ ଉଦ୍‌ବୁଦ୍ଧ ଜନତା ଦଣ୍ଡାୟମାନ ହୋଇ ସଙ୍ଗୀତ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଥିଲେ । ଏହି ସଙ୍ଗୀତର ପ୍ରାଣୋଚ୍ଛ୍ୱାସ ଏତେ ଗଭୀର ଓ ହୃଦୟସ୍ପର୍ଶୀ ଯେ ପରବର୍ତ୍ତୀ କାଳରେ ଅର୍ଥାତ୍ ସ୍ୱତନ୍ତ୍ର ରାଜ୍ୟ ଗଠନ ପରେ ତାହା ଓଡ଼ିଶାବାସୀଙ୍କ ହୃଦୟକୁ ଗଭୀର ଭାବରେ ଆନ୍ଦୋଳିତ କରିଥିଲା । ଭଦ୍ରକର କୁଆଁସ ପଡ଼ିଆରେ ୧୯୨୧ ମସିହାରେ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସଭା ଆରମ୍ଭରେ ଆବାହନୀ ସଙ୍ଗୀତ ରୂପେ 'ଉଡ଼ାଇ ନିଶାଣ ବଜାଇ ଭେରୀ ଜଗାଇ ବିପୁଳ ପୁଲକ କମ୍ପ, ମନ୍ତ୍ରପୂତ ଆନନ୍ଦ ଭେଦି ଏ ଜାତି ଯେଦିନ ଦେଲାରେ ଲମ୍ଫ ।

# ପ୍ରବେଶ ପରୀକ୍ଷା

ଏହା ହୃଦୟଙ୍ଗମ କରିବା କଷ୍ଟ ନୁହେଁ ଯେ 'ୟୁଜର୍ ନେମ୍'ର ପ୍ରଚଳନ ଆରମ୍ଭ ହୋଇଗଲେ ତାହା ଏଇ ଅପରାଧୀମାନଙ୍କ ପାଇଁ ଏକ ବରଦାନ ସଦୃଶ ହେବ । ସେମାନେ ଏହାକୁ ନିଜର ବିଶ୍ୱସନୀୟତାରେ ବୃଦ୍ଧି ଘଟାଇବାକୁ ଓ ନିଜର ଅସଲ ପରିଚୟ ଗୋପନ ରଖିବା ପାଇଁ ଏକ ପ୍ରକୃଷ୍ଟ ସାଧନ ଓ ଢାଙ୍କୁଣୀ ରୂପେ ବ୍ୟବହାର କରିବେ । ଉଦାହରଣ ସ୍ୱରୂପ ଏଇ ଅପରାଧୀମାନେ ବିଭିନ୍ନ ସରକାରୀ ଦପ୍ତର ବା ବିଭାଗର ନାମ ସହିତ ମେଳ ଖାଉଥିବା ଭଳି ନିଜର 'ୟୁଜର୍ ନେମ୍' ସୃଷ୍ଟି କରି ସରଳବିଶ୍ୱାସୀ ଶିକାରମାନଙ୍କୁ ସେମାନଙ୍କର ଜାଲରେ ପକାଇବା ଆହୁରି ସହଜ ହୋଇଯିବ । ଗତ ସପ୍ତାହରେ ଏଇ ସ୍ତମ୍ଭରେ ଆମେ 'ହ୍ୱାଟ୍‌ସଆପ୍' ପରି ଏକ ବିଶାଳ ଅନ୍ତର୍ଜାତୀୟ ସୋସିଆଲ ମିଡିଆ ଓ ଟେକ୍‌ନୋଲୋଜି କଂପାନିର ଗ୍ଲୋବାଲ୍ 'ସିଇଓ' ରୂପେ ଭାରତୀୟ ଦର୍ଶନଶାସ୍ତ୍ର ଛାତ୍ର କୁନାଲ ଶାହଙ୍କ ନିଯୁକ୍ତିର ସାଂପ୍ରତିକ ତାତ୍ପର୍ଯ୍ୟ ଅନୁଶୀଳନ କରିବାକୁ ଚେଷ୍ଟା କରିଥିଲୁ । ଏବେ ମନେ ହେଉଛି ଶାହ 'ହ୍ୱାଟ୍‌ସଆପ୍'ର ନିୟନ୍ତ୍ରଣ ରଜ୍ଜୁ ହାତରେ ଧରୁଣୁ ନ ଧରୁଣୁ ତାଙ୍କୁ ବର୍ତ୍ତମାନ ନିଜର ବୈଚାରିକ ସନ୍ତୁଳନ ଅକ୍ଷୁଣ୍ଣ ରଖି କାର୍ଯ୍ୟ କରିବା ନିମିତତ ସେ ଦର୍ଶନଶାସ୍ତ୍ରରୁ ଶିକ୍ଷା କରିଥିବା ନିର୍ଲିପ୍ତବାଦର ସୂକ୍ଷ୍ମ କୌଶଳମାନ ସ୍ମରଣ କରିବାକୁ ହେବ । କାରଣ ଏକ ଓଡ଼ିଆ ଢଗ ଅନୁସାରେ 'ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିବା' ପରି କୁନାଲ ଶାହ 'ହ୍ୱାଟ୍‌ସଆପ୍' ଘରେ ନ ପଶୁଣୁ ତାଙ୍କ ମୁଣ୍ଡରେ ଏକ କଠିନ ଚାଳର ଶକ୍ତ ଆଘାତ ଲାଗିଛି- ଭାରତ ସରକାର ରୂପକ ଚାଳ । 'ହ୍ୱାଟ୍‌ସଆପ୍' ସଦ୍ୟ ସଦ୍ୟ ଭାରତରେ ବ୍ୟବହାରକାରୀମାନଙ୍କ ପାଇଁ ସେମାନଙ୍କର ମୋବାଇଲ୍ ଫୋନ୍ ନମ୍ବର ପରିବର୍ତ୍ତେ ଏଣିକି 'ୟୁଜର ନେମ୍' ବା ଏକ ସ୍ୱତନ୍ତ୍ର ବ୍ୟବହାରକାରୀ ପରିଚୟ ବ୍ୟବହାର କରିବାକୁ ଯାଉଛି ବୋଲି ଘୋଷଣା କରିଥିଲା । ଭାରତ ସରକାର ତତ୍‌କ୍ଷଣାତ୍ 'ହ୍ୱାଟ୍‌ସଆପ୍'ର ମାତୃ-କଂପାନି 'ମେଟା'କୁ ଏକ ନୋଟିସ ଦେଇ ସରକାର ଏଥିପାଇଁ ଅନୁମତି ପ୍ରଦାନ ନ କରିବା ପର୍ଯ୍ୟନ୍ତ ଏଇ ନୂତନ ଫିଚର୍ ଭାରତରେ ଆରମ୍ଭ ନ କରିବା ପାଇଁ ତାକୁ ନିର୍ଦ୍ଦେଶ ଦେଇ ସାବଧାନ କରିଦେଇଛନ୍ତି । ସରକାର ଏଥିପାଇଁ 'ମେଟା'କୁ ଜବାବ ଦାଖଲ କରିବାକୁ ଦେଇଥିବା ତିନି ଦିନର ସମୟ ସୀମା ଇତିମଧ୍ୟରେ ଅତିକ୍ରାନ୍ତ ହୋଇଗଲା ପରେ ପୁଣି ଆଉ ତିନି ଦିନର ମହଲତ ଦେଇଛନ୍ତି । ସମଗ୍ର ପ୍ରସଙ୍ଗର ପୁଙ୍ଖାନୁପୁଙ୍ଖ ଅନୁଶୀଳନ ପରେ ସରକାର ଯାହା ନିର୍ଦ୍ଦେଶ ଦେବେ 'ହ୍ୱାଟ୍‌ସଆପ୍'କୁ ସେଇ ଅନୁସାରେ କାର୍ଯ୍ୟ କରିବାକୁ ହେବ । କୁନାଲ ଶାହଙ୍କ ମୁଣ୍ଡକୁ ଆଘାତ ଦେଇଥିବା ଏଇ ସରକାରୀ ଚାଳ ଓ ତାହାର ଆବିର୍ଭାବ ପଛରେ ନିହିତ ଥିବା ଉପରୋକ୍ତ 'ୟୁଜର୍ ନେମ୍' ପ୍ରବର୍ତ୍ତନ ପାଇଁ 'ମେଟା'ର ଉଦ୍ୟମ ଉପରେ ଦୃଷ୍ଟି ନିକ୍ଷେପ କଲେ, ଏକ ଧାରଣା ସୃଷ୍ଟି ହୋଇଥାଏ ଯେ ଉଭୟ ପକ୍ଷଙ୍କର ଆଭିମୁଖ୍ୟ ହେଉଛି ଯୁକ୍ତିଯୁକ୍ତ । 'ହ୍ୱାଟ୍‌ସଆପ୍'ର ଏଇ ନୂତନ ପଦକ୍ଷେପ ଯେଉଁ ସରଳ ଯୁକ୍ତି ଉପରେ ପ୍ରତିଷ୍ଠିତ, ତାହା ହେଉଛି ନିମ୍ନୋକ୍ତ ଭଳି । ଏତେ କାଳ ଧରି ଭାରତରେ 'ହ୍ୱାଟ୍‌ସଆପ୍' ବ୍ୟବହାରକାରୀମାନଙ୍କର ପରିଚୟର ପ୍ରତିନିଧିତ୍ୱ କରି ଆସୁଥିଲା ସେମାନଙ୍କର ମୋବାଇଲ୍ ଫୋନ୍ ନମ୍ବର । ଗୁଡ୍‌ମର୍ନିଙ୍ଗ୍ ମେସେଜ୍‌ରୁ ନିମନ୍ତ୍ରଣ ପ୍ରେରଣ ପର୍ଯ୍ୟନ୍ତ କିମ୍ବା ଜୋକ୍‌ସ ବଣ୍ଟନରୁ ନିଜ ସମ୍ବନ୍ଧରେ କୌଣସି ସୂଚନା ପ୍ରସାରଣ ପର୍ଯ୍ୟନ୍ତରେ 'ହ୍ୱାଟ୍‌ସଆପ୍'ର ବ୍ୟବହାର ସୀମିତ ଥିବା ପର୍ଯ୍ୟନ୍ତ ଏଇ ମୋବାଇଲ୍ ଫୋନ୍ ନମ୍ବରଭିତ୍ତିକ ପରିଚୟ ବ୍ୟବସ୍ଥା ନିର୍ବିଘ୍ନରେ କାର୍ଯ୍ୟ କରିଚାଲିଥିଲା । ବର୍ତ୍ତମାନ କିନ୍ତୁ ଭାରତରେ ଏଇ ମେସେଜିଙ୍ଗ୍ ଆପ୍‌ର କ୍ରମବିବର୍ତ୍ତନ ଘଟି ତାହା ଏହାର ଅଗଣିତ ବ୍ୟବହାରକାରୀମାନଙ୍କ ପାଇଁ ଯେଉଁ ସମସ୍ତ ନିତ୍ୟ ନୂତନ ବିଭିନ୍ନ କିସମର କାର୍ଯ୍ୟ ସଂପାଦନରେ ବ୍ୟବହୃତ ଏକ ଅପରିହାର୍ଯ୍ୟ ମାଧ୍ୟମରେ ପରିଣତ ହୋଇଗଲାଣି, ସେଥିରେ ଅନ୍ତର୍ଭୁକ୍ତ- ବ୍ୟବସାୟ ପରିଚାଳନାରୁ ଆରମ୍ଭ କରି ଡାକ୍ତର ପରାମର୍ଶ ଓ ସରକାରୀ ସେବାରେ ଅଂଶଗ୍ରହଣ ଆଦି ପର୍ଯ୍ୟନ୍ତ । ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ ଏଥିମଧ୍ୟରୁ ଅନେକ ହୋଇଥାନ୍ତି ବ୍ୟବହାରକାରୀଙ୍କ ଦୃଷ୍ଟିରୁ ଗୋପନୀୟ ଶ୍ରେଣୀର । ତେଣୁ ଭାରତରେ 'ହ୍ୱାଟ୍‌ସଆପ୍'ର ପ୍ରଥମ ଆବିର୍ଭାବ ସମୟର ଚିତ୍ରରେ ବର୍ତ୍ତମାନ ଯେ ବ୍ୟାପକ ପରିବର୍ତ୍ତନମାନ ଘଟି ସାରିଲାଣି, ଏଥିରେ କୌଣସି ସନ୍ଦେହ ନାହିଁ- ଏହା ବର୍ତ୍ତମାନ ଅଧିକରୁ ଅଧିକ ଏକ ଗୋପନ ସୂଚନା ବହନକାରୀ ଦୂତରେ ପରିଣତ ହୋଇଗଲାଣି । ଆଉ ଏହି ଗୋପନୀୟତାକୁ ସୁରକ୍ଷିତ ରଖିବାରେ ସହାୟକ ହେବା ନିମିତ ଏକ ମୋବାଇଲ୍ ଫୋନ୍ ନମ୍ବର ସ୍ଥାନରେ ଏକ 'ୟୁଜର୍ ନେମ୍'ର ବ୍ୟବହାର ଅଧିକ ଉପଯୋଗୀ ହେବ ବୋଲି ବିଶ୍ୱାସ କରାଯାଏ । କିନ୍ତୁ ଏ ସଂପର୍କରେ ସରକାରଙ୍କର ଉଦ୍‌ବେଗ ମଧ୍ୟ କିଛି କମ୍ ଯଥାର୍ଥ ନୁହେଁ । ଆମ ଦେଶରେ ଡିଜିଟାଲ ଟେକ୍‌ନୋଲୋଜିର ଦ୍ରୁତ ପ୍ରସାର ସହିତ ତାଳଦେଇ କିପରି ନୂଆ ନୂଆ ପ୍ରକାରର ସାଇବର ଠକେଇରେ ବିସ୍ଫୋରକ ବୃଦ୍ଧି ଘଟିବାରେ ଲାଗିଛି, ତାହା ଗଣମାଧ୍ୟମରେ ଦୈନନ୍ଦିନ ପ୍ରସାରିତ ନିୟମିତ କାହାଣୀରେ ପରିଣତ ହୋଇଛି । ଏହାର ଭୁକ୍ତଭୋଗୀମାନେ ଏଥିଯୋଗୁଁ ବେଳେବେଳେ ସର୍ବସ୍ୱାନ୍ତ ହେଉଥିବା ବେଳେ, ଅନ୍ୟମାନେ ନିଜ ପାଳିକୁ ଅପେକ୍ଷା କରି ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ସାଇବର ଠକମାନେ ନକଲି ବ୍ୟାଙ୍କ୍ ଅଫିସରରୁ କଷ୍ଟମ୍‌ସ ଅଫିସର, କଷ୍ଟମର୍ କେଆର୍ ଏଜେଣ୍ଟରୁ ସିବିଆଇ ଅଫିସର ଆଦି ପର୍ଯ୍ୟନ୍ତ ଛଦ୍ମ ରୂପ ଧାରଣ କରି ଅସତର୍କ, ଅଜ୍ଞ, ନିରୀହ ମୋବାଇଲ୍ ଫୋନ୍ ବ୍ୟବହାରକାରୀମାନଙ୍କୁ ଲୁଟ୍ କରିବା ସେମାନଙ୍କ ପାଇଁ ଏକ ବିଧିବଦ୍ଧ ନୂତନ ପେସାରେ ପରିଣତ ହୋଇଗଲାଣି । ଏହା ହୃଦୟଙ୍ଗମ କରିବା କଷ୍ଟ ନୁହେଁ ଯେ 'ୟୁଜର୍ ନେମ୍'ର ପ୍ରଚଳନ ଆରମ୍ଭ ହୋଇଗଲେ ତାହା ଏଇ ଅପରାଧୀମାନଙ୍କ ପାଇଁ ଏକ ବରଦାନ ସଦୃଶ ହେବ । ସେମାନେ ଏହାକୁ ନିଜର ବିଶ୍ୱସନୀୟତାରେ ବୃଦ୍ଧି ଘଟାଇବାକୁ ଓ ନିଜର ଅସଲ ପରିଚୟ ଗୋପନ ରଖିବା ପାଇଁ ଏକ ପ୍ରକୃଷ୍ଟ ସାଧନ ଓ ଢାଙ୍କୁଣୀ ରୂପେ ବ୍ୟବହାର କରିବେ । ଉଦାହରଣ ସ୍ୱରୂପ ଏଇ ଅପରାଧୀମାନେ ବିଭିନ୍ନ ସରକାରୀ ଦପ୍ତର ବା ବିଭାଗର ନାମ ସହିତ ମେଳ ଖାଉଥିବା ଭଳି ନିଜର 'ୟୁଜର୍ ନେମ୍' ସୃଷ୍ଟି କରି ସରଳବିଶ୍ୱାସୀ ଶିକାରମାନଙ୍କୁ ସେମାନଙ୍କର ଜାଲରେ ପକାଇବା ଆହୁରି ସହଜ ହୋଇଯିବ । ଏହା ବାଦ୍ ଏଭଳି ଅପରାଧର ଅନୁସନ୍ଧାନକାରୀମାନଙ୍କ ପଥରେ 'ୟୁଜର୍ ନେମ୍' ଏକ ନୂତନ ପ୍ରତିବନ୍ଧକ ହୋଇ ଛିଡ଼ାହେବାର ଦୃଢ଼ ସମ୍ଭାବନା ରହିଛି, କାରଣ 'ୟୁଜର୍ ନେମ୍' ପଛରେ ଲୁଚି ରହିଥିବା ମୋବାଇଲ୍ ଫୋନ୍ ନମ୍ବର ଆବିଷ୍କୃତ ନ ହେବା ଯାଏଁ ଅନୁସନ୍ଧାନରେ ଅଗ୍ରଗତି ଘଟିବ ନାହିଁ । ମନେ ରଖିବା କଥା, ଅନ୍ୟ କୌଣସି ଦେଶରେ ଏଭଳି ଅପରାଧକୁ ହୁଏତ ନଗଣ୍ୟ ରୂପେ ବିଚାର କରାଯାଇପାରେ; କିନ୍ତୁ ପ୍ରାୟ ଦେଢ଼ ଶହ କୋଟି ଲୋକସଂଖ୍ୟାବିଶିଷ୍ଟ ପୃଥିବୀର ସର୍ବାଧିକ ଜନବହୁଳ ଦେଶ ଭାରତରେ ଏଭଳି ଅପରାଧ ଯେ ଅନାୟାସରେ ଅସୀମ ଆକାର ଧାରଣ କରିବାର ସମ୍ଭାବନା ବହନ କରିଥାଏ, 'ମେଟା' ଭଳି ବିଦେଶୀ ଟେକ୍‌ନୋଲୋଜି କଂପାନିମାନେ ସେ ସମ୍ବନ୍ଧରେ ସଚେତନ ରହିବା ଜରୁରି । ଭାରତ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ତେଣୁ ଏକ ପ୍ରବିଧି-ବିରୋଧୀ ପଦକ୍ଷେପ ନୁହେଁ, ତାହା ହେଉଛି ଏକ ଜନସ୍ୱାର୍ଥ-ସୁରକ୍ଷାକାରୀ, ନୈତିକତା-ନିଶ୍ଚିତକାରୀ ସୁଶାସନକୈନ୍ଦ୍ରିକ ପଦକ୍ଷେପ । ଏହା କୁନାଲ ଶାହଙ୍କ ପାଇଁ ହୁଏତ ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିବା ପରି ହୋଇପାରେ, କିନ୍ତୁ ଏକ ଭିନ୍ନ ଦୃଷ୍ଟିକୋଣରୁ ଦେଖିଲେ ଏଇ ଦୃଶ୍ୟପଟରେ 'ହ୍ୱାଟ୍‌ସଆପ୍'ର ମୁଖ୍ୟ ରୂପେ କୁନାଲ ଶାହଙ୍କ ପ୍ରବେଶ ଏକ ସ୍ୱାଗତଯୋଗ୍ୟ ସଂଯୋଗ ଭଳି ମନେ ହୋଇଥାଏ । କାରଣ, କୁନାଲ ଶାହଙ୍କର ଯୋଗଦାନ ପୂର୍ବରୁ କାଲିଫର୍ନିଆର 'ମେନ୍‌ଲୋ ପାର୍କ'ସ୍ଥିତ 'ମେଟା'ର ମୁଖ୍ୟାଳୟରେ ବସି ଭାରତରେ 'ହ୍ୱାଟ୍‌ସଆପ୍'ରେ 'ୟୁଜର୍ ନେମ୍' ବ୍ୟବହାର କରାଯିବା ପାଇଁ ଯେଉଁମାନେ ନିଷ୍ପତି ନେଇଥିଲେ, ସେଇ ଆଇଟି ଇଞ୍ଜିନିଅ ?ମାନଙ୍କର ଭାରତ ପାଇଁ ତାହାର ସମ୍ଭାବ୍ୟ ବାସ୍ତବ ପରିଣାମ ସମ୍ବନ୍ଧରେ କୌଣସି ପ୍ରତ୍ୟକ୍ଷ ଧାରଣା ନ ଥିବ । ଏଥି ପୂର୍ବରୁ 'କ୍ରେଡ୍' ନାମକ କ୍ରେଡିଟ୍ କାର୍ଡ ପରିଚାଳନା କ୍ଷେତ୍ରରେ ଏକ ସଫଳ ଷ୍ଟାର୍ଟ-ଅପ୍ କଂପାନିର ପ୍ରତିଷ୍ଠାତା ଦାର୍ଶନିକ କୁନାଲ ଶାହ ହେଉଛନ୍ତି ସେଇ ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଯୋଗ୍ୟତମ ବ୍ୟକ୍ତି । ତାଙ୍କର ଅନୁଭୂତି ତାଙ୍କୁ ଭାରତୀୟ ସମାଜ ଓ ଅର୍ଥନୀତି ସମ୍ବନ୍ଧରେ ସୁପରିଚିତ କରିଥିବା ବେଳେ ତାଙ୍କର ଶିକ୍ଷା ତାଙ୍କୁ ଏକ ଦୃଢ଼ ନୈତିକ ଦିଗ୍‌ଦର୍ଶନ ପ୍ରଦାନ କରିଥାଏ । ତେଣୁ ଆଶା କରାଯାଏ ତାଙ୍କୁ ଏବେ ମୁଣ୍ଡ ଆଉଁସିବାକୁ ପଡ଼ିଥିଲେ ହେଁ ଏପିକ୍‌ଟେଟସ ବା ସେନେକାଙ୍କ ଭଳି ପ୍ରାଚୀନ ନିର୍ଲିପ୍ତବାଦୀ (ଷ୍ଟୋଇକ୍) ଦାର୍ଶନିକମାନଙ୍କୁ ଅନୁସରଣ କଲା ଭଳି ତାହା ଦ୍ୱାରା ତିଳେମାତ୍ର ବିଚଳିତ ନ ହୋଇ କୁନାଲ ଶାହ ଭାରତ ସରକାରଙ୍କ ସହିତ ଫଳପ୍ରଦ କଥାବାର୍ତ୍ତା କରି ଭାରତର ଉଦ୍‌ବେଗକୁ ପ୍ରଶମିତ କଲାଭଳି ଏକ ବୁଝାମଣାରେ ପହଚିଂବାରେ ସଫଳ ହେବେ ଓ ତାଙ୍କର ଏଇ ପ୍ରବେଶ ପରୀକ୍ଷାରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେବେ ।

# ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ



ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର
ମୋବାଇଲ-୭୦୨୦୬୧୧୩୦୦

ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଅଖିଳବ୍ରହ୍ମାଣ୍ଡ ସ୍ୱାମୀ ସାରା ବିଶ୍ୱବାସୀ ତଥା ଅସଂଖ୍ୟ କୀଟପତଙ୍ଗ,ପଶୁପକ୍ଷୀଙ୍କ ହର୍ତ୍ତାକର୍ତ୍ତା, ଦଇବ ବିଧାତା ମହାପ୍ରଭୁ ଅନାଥର ନାଥ, ଦୀନବନ୍ଧୁ, ଜଗତର ନାଥ ଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରିବା ଆମ ପରି ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ । ମହାପ୍ରଭୁ କାଳିଆ ସାଆନ୍ତ ଲୀଳା ଅବର୍ଣ୍ଣନୀୟ ।ସେ ନିଜେ ହିଁ ନିଜର ସ୍ରଷ୍ଟା ନା ତାଙ୍କର ଆଦି ଅଛି ନା ତାଙ୍କର ଅନ୍ତ ଅଛି । ମହାପ୍ରଭୁ କେତେବେଳେ କାହା ମାଧ୍ୟମରେ କେଉଁ ରୂପରେ କାହାକୁ ସାହାଯ୍ୟ କରିବେ ଏହା କେବଳ ତାଙ୍କୁ ହିଁ ଜଣା ।ତାଙ୍କର ବିନା ଇଙ୍ଗିତରେ ଗଛର ପତ୍ର ବି ହଲିନଥାଏ ।ସେଥିପାଇଁ ମହାଭାରତ ଯୋଦ୍ଧରେ ଅର୍ଜୁନଙ୍କ ରଥର ସାରଥୀ ସାଜି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମୋହଗସ୍ଥ ଅର୍ଜୁନ ବୁଝାଇ କହିଛନ୍ତି 'କରି କରାଉ ଥାଏ ମୋହି ମୋ ବିନୁ ଅନ୍ୟ ଗତିନାହିଁ ' ।ଏହାର ଅର୍ଥ ଏ ବିଶ୍ୱବ୍ରହ୍ମାଣ୍ଡରେ ଆମେ ଯାହାବି କର୍ମ କରିଥାଉ ସେଥିରେ ଭଗବାନଙ୍କ କିଛି ମହତ ଉଦେଶ୍ୟ ରହିଥାଏ । ମନୁଷ୍ୟ ନିଜର କର୍ମ ଅନୁସାରେ ଫଳ ଭୋଗିଥାଏ । ମନୁଷ୍ୟ ନିଜର ଇଛା ଅନୁସାରେ କିଛି ବି କର୍ମ କରିବା ଅସମ୍ଭବ । ମହାପ୍ରଭୁ ଚକାଡୋଳାଙ୍କ କୃପା ବିନା କୌଣସି କାର୍ଯ୍ୟ ସଫଳ ହୋଇନଥାଏ ।କିନ୍ତୁ ଏକବିଂଶ ଶତାବ୍ଦୀର କିଛି ମନୁଷ୍ୟ ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତି, ମାନ, ପ୍ରତିଷ୍ଠା ଅର୍ଜନ କରି ଅହଂକାରରେ ବଶବର୍ତ୍ତୀ ହୋଇ ଅନ୍ୟାୟ, ଅନୀତି, ଦୁର୍ନୀତିରେ ଲିପ୍ତ ରହେ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବାରମ୍ବାର ପ୍ରଶ୍ନ ଚିହ୍ନ ଲଗାଇଥାଏ । ନିଜର ଅହମିକା ତଥା ଅହଂକାର ବଶବର୍ତ୍ତୀ ହୋଇ ମନୁଷ୍ୟ ନିଜକୁ ସର୍ବଶକ୍ତିମାନ, ମହାଜ୍ଞାନୀ ମନେକରୁଛି । ଅର୍ଥକୁ ନିଜର ପ୍ରଧାନ ଅସ୍ତ୍ର ଭାବିନେଇଛି ଏବଂ ଅର୍ଥ ବଳରେ ବଳିୟାନ ହୋଇ ଜୀବନରେ ସବୁକିଛି ପାଇଯିବ ଏହା ମନୁଷ୍ୟ ଭାବି ନେଇଛି । ବସ୍ତୁବାଦୀ କଳିଯୁଗର ମନୁଷ୍ୟ ପକ୍ଷେ ସ୍ନେହ, ପ୍ରେମ, ମମତା, ଆବିଳତା, ନମ୍ରତା, ଉଦାରତା, ସରଳତା ପରି ମହନୀୟ ଗୁଣ ଆଶା କରିବା ଶଇତାନର ବେଦ ପାଠ ସଦୃଶ । ସାମାନ୍ୟ ସମ୍ପତି ଆଉ କିଛି ଟଙ୍କା ପାଇଁ ନିଜର ଜନ୍ମଦାତା ତଥା ଜନ୍ମଦାତ୍ରୀଙ୍କୁ ହତ୍ୟା କରିବାକୁ ମଧ୍ୟ ପଛାଏ ନାହିଁ ଆଜିର ସ୍ୱାର୍ଥପର ମନୁଷ୍ୟ । ବସ୍ତୁବାଦୀ ମନୁଷ୍ୟ ରଙ୍ଗୀନ ଦୁନିଆର ମାୟାଜାଲରେ ଛନ୍ଦି ହୋଇ ନିଜର ତଥା ନିଜ ପରିବାର, ପତ୍ନୀ, ସନ୍ତାନ, ବନ୍ଧୁ, ପରିଜନଙ୍କୁ ନିଜର ମନେକରୁଛି ଏବଂ ଈଶ୍ୱରଙ୍କ ଠାରୁ ଦୁରେଇଯାଉଛି । ଈଶ୍ୱରଙ୍କ ଆରାଧନା କରିବା, ପ୍ରାର୍ଥନା କରିବା, ଆଜିର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ପାଖରେ ସମୟ ନାହିଁ ।କିନ୍ତୁ ମାଦକଦ୍ରବ୍ୟ, ନିଶା ସେବନ କରିବା ପାଇଁ ତା ପାଖରେ ଯଥେଷ୍ଟ ସମୟ ଅଛି । ଆଜିର ସ୍ୱାର୍ଥପର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ନିଜର ବନ୍ଧୁ, ପରିଜନ, ପତ୍ନୀ, ସନ୍ତାନ, ଆତ୍ମୟସ୍ୱଜନଙ୍କୁ ନିଜର ପ୍ରାଣଠାରୁ ଅଧିକ ଭଲପାଏ ଏବଂ ସେମାନଙ୍କୁ ଅତି ନିଜର ମନେକରେ । ସେଇମାନେ ବିପଦ ସମୟରେ ହାତଛାଡି ଦିଅନ୍ତି ଯେତେବେଳେ ସେମାନଙ୍କ ସ୍ୱାର୍ଥରେ ବାଧା ଆସେ ।ସେମାନେ ହତ୍ୟା କରିବାକୁ ମଧ୍ୟ ପଛାନ୍ତି ନାହିଁ । ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି 'ସମ୍ପଦ ବେଳେ ସର୍ବେ ଶାଖା ବିପଦେ ନଦିଅନ୍ତି ଦେଖା'. 'ମିଛ ମାୟା ସଂସାର ଏଠି କେହି ନୁହେଁ କାହାର ଏକା ଚକାଆଖି ନିଜର । ଦ୍ୱାପର ଯୁଗ ସମୟରେ ପାଣ୍ଡବମାନେ କୌରବଙ୍କ ଠାରୁ ଜୁଆ ଖେଳରେ ହାରିବା ପରେ କୁରୁସଭା ସ୍ଥଳରେ କୌରବମାନେ ଯେପରି ଦ୍ରୌପଦୀଙ୍କ ବସ୍ତ୍ରହରଣ କଲେ ସେତେବେଳେ ଦ୍ରୌପଦୀ ସମସ୍ତଙ୍କୁ ସହାୟତା ପାଇଁ ଆକୁଳ ନିବେଦନ କଲେ ହେଲେ ଗଙ୍ଗା ପୁତ୍ର ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି ଗୁରୁ ଦ୍ରୋଣାଚାର୍ଯ୍ୟ, ପଂଚପାଣ୍ଡବ, ଧୃତରାଷ୍ଟ୍ର ପ୍ରଯ୍ୟନ୍ତ ସମସ୍ତେ ନିରବ ରହିଲେ କେହି ଜଣେ ହେଲେ ବି ଏ ଅନ୍ୟାୟର ପ୍ରତିବାଦ କଲେନାହିଁ ।ସେତେବେଳେ ନିରୁପାୟ ହୋଇ ଦ୍ରୌପଦୀ ସମ୍ପୂର୍ଣ୍ଣ ସମର୍ପିତ ଭାବରେ 'ବାସୁଦେବ ଶ୍ରୀକୃଷ୍ଣ ମୋର ଲଜ୍ୟା ନିବାରଣ କରନ୍ତୁ ବୋଲି ଆକୁଳ ନିବେଦନ କଲେ ସେତେବେଳେ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଦ୍ରୌପଦୀ ଙ୍କ ଲଜ୍ୟା ନିବାରଣ କଲେ । ଚାରିଯୁଗରେ ମହାପ୍ରଭୁ କାଳିଆ ସାଆନ୍ତ ମାନବ ସମାଜକୁ ଈଶ୍ୱରୀୟ ବାର୍ତ୍ତା ପ୍ରଦାନ କରିଛନ୍ତି ।ଭକ୍ତର ମାନକୁ ସର୍ବାଗ୍ରେ ରଖିବା ପାଇଁ କେତେ ନିନ୍ଦା, ଅପମାନ, ତିରସ୍କାର, ମାଡ଼ ଭି ସହିଛନ୍ତି ପୁଣି କେତେବେଳେ ଅର୍ଜୁନଙ୍କ ରଥରେ ସାରଥୀ ସାଜିଛନ୍ତି, ଶୂଦ୍ର ଜାତିରେ ଜନ୍ମ ହେଇଥିବା ଶବରୀର ଅଇଠା ଖାଇବାରେ କୌଣସି ସଂକୋଚ ପ୍ରକାଶ କରିନାହାନ୍ତି ଏବଂ ବାଲ୍ୟସଖା ସୁଦାମାକୁ ଭେଟ କରିବା ପାଇଁ ରାଜସିଂହାସନ ଛାଡି ନିଜେ ରାଜା ହୋଇ ଖାଲି ପାଦରେ ବିନା ସୈନ୍ୟସାମନ୍ତରେ ଦିନହୀନ ସୁଦାମାଙ୍କ କାଳବିଳମ୍ବ ନକରି ପହଚିଂଯାଇଥିଲେ ଏବଂ ସେ ଆଣିଥିବା ଖୁଦଭଜା ଅତି ଆନନ୍ଦରେ ସେବନ କରିଥିଲେ ।ସେଥିପାଇଁ ଭଗବାନ ସଦାସର୍ବଦା ନିଜର ଭକ୍ତକୁ ଖୁସି କରେଇବା ପାଇଁ ସବୁକିଛି କରନ୍ତି ସେଥିପାଇଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ଅନ୍ୟନାମ କୃପାସିନ୍ଧୁ । ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ତିରସ୍କାର, ନିନ୍ଦା, ଅପମାନ ସହ୍ୟ କରନ୍ତି କିନ୍ତୁ କାହାରି ଅହମିକା, ଅହଂକାର ସହ୍ୟ କରିପାରନ୍ତି ନାହିଁ ।ସେଥିପାଇଁ କୁହାଯାଏ 'ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାରେ ଅନେକ ସାଧାରଣ ମନୁଷ୍ୟକୁ ଆଚମ୍ବିତ କଲା ପରି ଘଟଣାମାନ ଘଟିବାରେ ଅନେକ ପ୍ରମାଣ ମିଳେ ।ଭକ୍ତର ମାନ ରକ୍ଷା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିଛନ୍ତି ତ ଆଉ କେତେବେଳେ ଭକ୍ତର ଭୋକ ଦୂରପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ପ୍ରଦାନ କରିଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କ ହାତରୁ ଦୂରରେ ଥାଇ ଏବଂ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଶ୍ରଦ୍ଧା ପୂର୍ବକ ଗ୍ରହଣ କରିଛନ୍ତି ବଡ଼ଠାକୁର କାଳିଆ ସାଆନ୍ତ ନିଜର ମହାବାହୁ ବଢ଼ାଇ । ଗୀତଗୋବିନ୍ଦ ଶୁଣିବା ପାଇଁ ସୁଦୂର ପଲ୍ଲୀରେ ବାଇଗଣ ତୋଳୁଥିବା ଅବସ୍ଥାରେ ଗୀତଗୋବିନ୍ଦ ବୋଲୁଥିବା ବୁଢ଼ୀର ବାଇଗଣ କିଆରୀରେ ହାଜର ହୋଇଛନ୍ତି ।ଇନ୍ଦ୍ରଙ୍କ ପରି ଦେବତାଙ୍କ ଠାରୁ ଆରମ୍ଭ କରି ମହାମୁନି ନାରଦ ପ୍ରଯ୍ୟନ୍ତ ଅନେକଙ୍କ ଅହଂକାରକୁ ଭଙ୍ଗ କରିଛନ୍ତି ମହାପ୍ରଭୁ କାଳିଆ ଠାକୁର ।ଗର୍ବୀର ଗର୍ବ ଚୂର୍ଣ୍ଣ ପାଇଁ କେତେବେଳେ ଅଟକି ରହନ୍ତି ସେ ମହାପ୍ରଭୁ ରଥ ଉପରେ ।କେତେବେଳେ ଭକ୍ତ ହାତରେ ସ୍ୱର୍ଶ ପାଇଁ ମାନ ଭାଙ୍ଗନ୍ତି 'ମାନଗୋବିନ୍ଦ' । ହାପ୍ରଭୁ କାଳିଆ ସାଆନ୍ତଙ୍କ ଲୀଳା ବୁଝିବା ଆମ ପରି ସାଧାରଣ ଆଜ୍ଞାନୀ ମନୁଷ୍ୟ ପାଖେ ଅସମ୍ଭବ । ସେ ଭାବର ନିକଟ, ଅଭାବକୁ ଦୂର ।ଯିଏ ତାଙ୍କୁ ଯେପରି ଭାବରେ ଆରାଧନା, ଶ୍ରଦ୍ଧା କରିଛି ସେପରି ତାଙ୍କୁ ପାଇଛି । ଯିଏ ତାଙ୍କୁ ଯେଉଁ ରୂପରେ (ନିଜର ଇଷ୍ଟ ଭାବରେ ଦେଖିବାକୁ ଚାହିଁଛି ସେ ସେହି ରୂପରେ ଦେଖିବାକୁ ପାଇଛି ।ସିଏ ପରା ଭାବଗ୍ରାହୀ, କରୁଣାସିନ୍ଧୁ, ଅନାଥର ନାଥ ଦୀନବନ୍ଧୁ କାଳିଆ ଠାକୁର ଜଗତର ନାଥ ଜଗନ୍ନାଥ । ସାଲବେଗ ଯୁବକ ଅବସ୍ଥାରେ ଏକଦା ଭୀଷଣ ଭାବରେ କ୍ଷତାକ୍ତ ଓ ପୀଡିତ ହୋଇଥିଲେ ।ଯେତେ ମେଡ଼ିସିନ ଲଗାଇଲେ ମଧ୍ୟ କ୍ଷତର ଉପଶମ ହେଲାନାହିଁ ।ନିଜ ମାଙ୍କ ପରାମର୍ଶ କ୍ରମେ ବୃନ୍ଦାବନ ବିହାରୀ ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରି ବ୍ୟାଧିମୁକ୍ତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ କରୁଣାରୁ ମୃତ୍ୟୁମୁଖରୁ ରକ୍ଷା ପାଇଥିବାରୁ ନିଜର ସମଗ୍ର ଜୀବନ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସମର୍ପଣ ପୂର୍ବକ ସନ୍ୟାସୀ ଜୀବନଯାପନ କରିବାକୁ ପ୍ରତିଜ୍ଞା କରିଥିଲେ ।ତେଣୁ ସେ ଗାଇ ଉଠିଥିଲେ 'ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ ଦର୍ଶନ କରିବି ଯାଇ ଶ୍ରୀ ମଧୁସୂଦନ । ଏ କଳିଯୁଗରେ ବିଶ୍ୱର ସର୍ବଶେଷ୍ଠ ଜୀବନ୍ତ ଦେବତା ଦାରୁବ୍ରହ୍ମ ଜଗତର ନାଥ ପରମବ୍ରହ୍ମ ବଡ଼ ଠାକୁର ଜଗନ୍ନାଥ । ତାଙ୍କ ଲୀଳା ଅତ୍ୟନ୍ତ ଚମତ୍କାର ଏବଂ ରହସ୍ୟମୟ ।ଆମ ପରି ସାଧାରଣ ମନୁଷ୍ୟ ତାଙ୍କ ଲୀଳା କୁ ବୁଝିବା ଅସମ୍ଭବ । ସେ ସୃଷ୍ଟିକର୍ତା, ପ୍ରାଣଦାତା, ଏ ଅଖିଳବ୍ରହ୍ମାଣ୍ଡର ରକ୍ଷାକର୍ତା, ହର୍ତାକର୍ତା, ଜଗତର ଜମିଦାର ଆମେ ତାଙ୍କର ପ୍ରଜା । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା ।ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର । ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ । ସେ ଅନାଦି ସେ ଅଶେଷ ।ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ । । ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ । ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ । ସେ ଅରୂପ ପୁଣି ସ୍ୱରୂପ । ସେ ନିର୍ଗୁଣ ପୁଣି ସଗୁଣ । ବହୁ ରୂପରେ ତାଙ୍କର ପରିକଳ୍ପନା । ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ ।ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ । ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ ।ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ । ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ । ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ । ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି । ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ । ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର,ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ,ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି ), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ । ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ । ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର,ଶିବ ବା ଶୁଭର ସୂଚନା ।ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ ।କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି । ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ । ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ । ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ । ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ ।ସମସ୍ତଙ୍କ ଦୁଃଖ ବୁଝନ୍ତି ସେ ।ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ,ନିରାଶୟ, ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ । ଜାତିବର୍ଣ୍ଣ,ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ । ସେହ୍ନ, ପ୍ରେମ, ଭାତୃତ୍ୱ, ବଳିଦାନ,ଭଲପାଇବା, ମାନବିକତା,ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ । ଯେଉଁଠି ସ୍ୱାର୍ଥପର ଅହଂକାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତି ପାଇଁ ନିଜର ଜନ୍ମଦାତା ପିତା,ଜନ୍ମଦାତ୍ରୀ ମାତା,ବନ୍ଧୁ, ପରିଜନଙ୍କୁ ହତ୍ୟା କରିବାକୁ ପଛଘୁଚାଂ ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ । ନିଜର ମାନ, ଅଭିମାନ, ରାଗ, ହିଂସା, କ୍ରୋଧ, ଘୃଣା ଭାବକୁ ପରିତ୍ୟାଗ କରି 'ମଣିଷପଣିଆ'ହିଁ ସର୍ବଶ୍ରେଷ୍ଠ ଏହାକୁ ସମଗ୍ର ମାନବଜାତି ଅନୁଭବ କରିବାର ସମୟ ଆସିଛି ।ଏହାକୁ ବୁଝିବାକୁ ହେବ ଯେ ନିୟତିର ନିଷ୍ପତି ନିକଟରେ ସମଗ୍ର ମାନବଜାତି ଦୁର୍ବଳ ଏବଂ ଅସହାୟ । ଆମକୁ ନିଜର ଅହଂକାର ପରିତ୍ୟାଗ କରିବାକୁ ପଡିବ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ଚରଣଆଶ୍ରିତ ଏବଂ ଏବଂ ନତମସ୍ତକ ହେବାକୁ ପଡିବ । ମହାପ୍ରଭୁ ଅନାଥର ନାଥ କାଳିଆ ସାଆନ୍ତଙ୍କ ବିନା ସମଗ୍ର ମାନବଜାତିର ପରିକଳ୍ପନା କରିବା ଅସମ୍ଭବ ଏହାକୁ ବିଶ୍ୱବ୍ରହ୍ମାଣ୍ଡ ରେ କେହି ଭି ଅସ୍ୱୀକାର କରିପାରିବେ ନାହିଁ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**

**Mobile :** 9439951525, **Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**

**CITY OFFICE: B/204, SECTOR-16, ROURKELA, Pin :769003**







# ମୁନ୍ଦ୍ରାଯୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ ; ସ୍ୱାସ୍ଥ୍ୟସେବା ଓ ଭିତିଭୂମିର ସମୀକ୍ଷା




ଝାରସୁଗୁଡ଼ା,୧୫/୭(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଲଇକେରା ବ୍ଲକ ଅନ୍ତର୍ଗତ ମୁନ୍ଦ୍ରାଯୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ଓ ଭିତିଭୂମିର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହ ଲଇକେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗଡୁଙ୍ଗ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ମେଡିକାଲର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ଓ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ସ୍ୱାସ୍ଥ୍ୟ କେନ୍ଦ୍ରର ଓପିଡି ରେଜିଷ୍ଟର ଯାଂଚ କରିବା ସହ ଉପସ୍ଥିତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରଖାନାରେ ରୋଗୀଙ୍କ ପାଇଁ ବ୍ୟବହୃତ ହେଉଥିବା ବେଡ୍ ଏବଂ ଅନ୍ୟାନ୍ୟ ସାମଗ୍ରୀର ଗୁଣବତା ପରଖିବା ସହ ଚିକିତ୍ସାଳୟର ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ରୋଗୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପ୍ରତି ସତର୍କ ରହିବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ କୁହାଯାଇଛି। ଏହା ସହିତ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ମୁନ୍ଦ୍ରାଯୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଭାବେ ନିର୍ମାଣ ଚାଲିଥିବା ଗୃହ ଓ ପରିସର ପରିଦର୍ଶନ କରିଥିଲେ। ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିବା ସହ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ଅତି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ଗୃହର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ମାତ୍ରେ ଡାକ୍ତରଖାନାକୁ ନୂତନ ପରିସରକୁ ସ୍ଥାନାନ୍ତରିତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ପାପଡାହାଣ୍ଡି ବ୍ଲକରେ ପଂଚାୟତ ଉନୟନ ଯୋଜନା ସଭା



ପାପଡାହାଣ୍ଡି,୧୫/୭(ନି/ପ୍ର): ପାପଡାହାଣ୍ଡି ବ୍ଲକ ସମିଳନୀ କକ୍ଷ ଠାରେ ଗ୍ରାମପଂଚାୟତ ଉର୍ନୟନ ଯୋଜନା, ଅର୍ଥାତ ଜି ପି ଡି ପି, ବି ପି ଡି ପି, ଡି ପି ଡି ପି, ସ୍ତରୀୟ ସମିଳନୀ ଅନୁଷ୍ଠିତ ହୋଇଯାଇଛି. ପ୍ରଥମେ ୭.୭.୨୬ତାରିଖ ରେ ଜିଲ୍ଲା ସ୍ତରୀୟ ସମିଳନୀ ସରିଯାଇଛି. ଆଜି ହେଲା ୨୦୨୬-୨୭ଗ୍ରାମପଂଚାୟତ ଉର୍ନୟନ ଯୋଜନା ର ପ୍ରଥମ ସମିଳନୀ ବୈଠକ ଏଥିରେ ପାପଡାହାଣ୍ଡି ବ୍ଲକର ପେସା କୋଡିନେଟର ଗିରିଶ ପ୍ରସାଦ ଦଳେଇ ଙ୍କ ତତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା ଏଥିରେ ଜି ପି ଡି ଓ କମଳେନ୍ଦୁ ଦାସ, ସି ପି,ଅନୁପ ତ୍ରିପାଠୀ, ପି ଇ ଓ ଦେବାଶିଷ ମାଝୀ,ପି ଇ ଓ ଘନଶ୍ୟାମ ନାୟକ,ଆଇ ଟି ବାପୁଜୀ ନାୟକ ମଚାଂସିନ ଥିଲେ ଏହି ସମିଳନୀ ରେ ଆଠଟି ପଂଚାୟତର ସରପଂଚ, ୱାର୍ଡ ସଭ୍ୟ ଓ ସମସ୍ତ ଲାଇନ ବିଭାଗ ଉପସ୍ଥିତ ଥିଲେ. ଏହି ସମିଳନୀ ୧୪,୧୭ଓ ୧୮ ,ଏହି ତିନି ଦିନ ଚାଲିବ ଏଥିରେଗୋଟିଏ ଦିନରେ ଆଠଟି ଲେଖାଏଁ ପଂଚାୟତ ଭାଗନେବେ ସମସ୍ତ ଙ୍କ ପାଇଁ ଚା, ଜଳଖିଆ ଓ କଟନ ବେଗ ଖାତା ପେନ ଦିଆଯାଇଛି।

# ମୁନ୍ଦ୍ରାଯୋର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ



ଝାରସୁଗୁଡ଼ା,୧୫/୭(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ମୁନ୍ଦ୍ରାଯୋର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାଦାନ ଓ ବିଦ୍ୟାଳୟର ଭିତିଭୂମି ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ଲଇକେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗଡୁଙ୍ଗ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସ୍କୁଲ୍ ପରିସର ବୁଲି ଦେଖିବା ସହ ଶିକ୍ଷାଗତ ବାତାବରଣର ଅନୁଧ୍ୟାନ କରିଥିଲେ। ପରିଦର୍ଶନ କାଳରେ ଜିଲ୍ଲାପାଳ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନର ଗୁଣବତା ଯାଂଚ୍ କରିଥିଲେ। ପିଲାମାନଙ୍କୁ କିଭଳି ପୁଷ୍ଟିକର ଓ ସ୍ୱଚ୍ଛ ଖାଦ୍ୟ ଯୋଗାଇ ଦିଆଯାଉଛି, ସେ ନେଇ ସେ ରୋଷେଇ ଗୃହ ପରିଦର୍ଶନ କରିଥିଲେ। ଏହା ସହିତ ସ୍କୁଲର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ବିଦ୍ୟାଳୟର ଚତୁଃପାର୍ଶ୍ୱ ପ୍ରାଚୀରର ସ୍ଥିତି ମଧ୍ୟ ସେ ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳ ଶ୍ରେଣୀଗୃହକୁ ଯାଇ ଛାତ୍ରଛାତ୍ରୀମାନଙ୍କ ସହ ସିଧାସଳଖ କଥା ହୋଇ ସେମାନଙ୍କ ପାଠପଢ଼ା ବିଷୟରେ ପଚାରି ବୁଝିଥିଲେ। ଏହି ସମୟରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏକ ପ୍ରମୁଖ ସମସ୍ୟା ବିଷୟରେ ଜଣାଇଥିଲେ। ବର୍ଷା ଦିନେ ବିଦ୍ୟାଳୟ ଛାତରୁ ପାଣି ଗଳୁଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ନିଜେ ସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ତଥା ମରାମତି କାର୍ଯ୍ୟ ଖୁବ୍ ଶୀଘ୍ର କରିବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର




ନବରଙ୍ଗପୁର,୧୫/୭(ନି/ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ବି. ଏଡ ମହାବିଦ୍ୟାଳୟ, ନବରଙ୍ଗପୁର ଠାରେ ଜାତୀୟ କ୍ୟାଡେଟ ବାହିନୀ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠୀତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭୀପ୍ସା ଗୋଛାୟତ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ କର୍ମକ୍ଷେତ୍ରରେ ମହିଳା ମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ସୁରକ୍ଷା ଆଇନ, ଅନୁସୂଚିତ ଜାତି ଏବଂ ଜନଜାତି ଅତ୍ୟାଚାର ନିବାରଣ ଆଇନର ବିଭିନ୍ନ ବ୍ୟବସ୍ଥା ଉପରେ ସମ୍ବେଦନଶୀଳତା, ନାଲସା ସ୍ୱିହା ସ୍କିମ-୨୦୨୫ ଏବଂ ଯୌତୁକ ସଚେତନତା ଏବଂ ପ୍ରସାର ପ୍ରୟାସ ସମ୍ପର୍କିତ ଆଇନ ବିଷୟରେ ସଚେତନତା ଶିବିରରେ ଆଲୋକପାତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ କର୍ଣ୍ଣେଲ ସୁନିଲ କୁମାର ଏମଏସ,୧୩(୦) ଏନସିସି ବାଟାଲିଆନ, ନବରଙ୍ଗପୁରର ମନୋରମ। ମାଝୀ, ସାମାଜିକ କର୍ମୀ, ରାଜ କିଶୋର ନାଗ ଉପ ମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର, ସୁବେଦାର ମେଜର ମଲ୍ଲିକ,୧୩(୦)ଏନସିସି ବଟାଲିଆନ,ନବରଙ୍ଗପୁର,ଓପାରା ଲିଗାଲ ସଦସ୍ୟ ଓ ପାନେଲ ଲୟାର, ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ପରିଚାଳନା କରାଯାଇଥିଲା ।

# ସମ୍ବଲପୁର ଜିଲ୍ଲା କୋର୍ଟକୁ ପୁଣି ବୋମା ଧମକ

ସମ୍ବଲପୁର,୧୫/୭(ନି/ପ୍ର): ସମ୍ବଲପୁର ଜିଲ୍ଲା କୋର୍ଟକୁ ପୁଣି ବୋମା ଧମକ ମିଳିଛି । କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଇ-ମେଲ୍ ଯୋଗେ ଧମକ ଆସିଥିବା ସୂଚନା ମିଳିଛି । ଏହି ସୂଚନା ମିଳିବା ପରେ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା କୋର୍ଟକୁ ପୁଣି ଥରେ ବୋମା ଧମକ ମିଳିଛି । ଏଥରକୁ ମିଶାଇ ଚତୁର୍ଥ ଥର ପାଇଁ କୋର୍ଟକୁ ଏପରି ବୋମା ଧମକ ମିଳିଛି । ବୋମା ଧମକ ମିଳିବା ପରେ କୋର୍ଟ ପରିସରରୁ ବାହାରକୁ ବାହାରି ଆସିଥିଲେ କର୍ମଚାରୀ । ଏନେଇ ସୂଚନା ପାଇବା ପରେ ସମ୍ବଲପୁର ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି । ବରିଷ୍ଠ ପୋଲିସ ଅଧିକାରୀ ମାନେ କୋର୍ଟ ପରିସରରେ ପହଂଚି ସ୍ଥିତିର ଯାଂଚ୍ କରୁଛନ୍ତି । କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି ।ବମ୍ ସ୍କ୍ୱାଡ୍, ସନ୍ଧାନୀ କୁକୁର ଓ ବହୁ ସଂଖ୍ୟାରେ ପୋଲିସ ଫୋର୍ସ ପହଂଚି କୋର୍ଟ ଭିତର ଏବଂ ବାହାରକୁ ତନ୍ନତନ୍ନ କରି ଯାଂଚ୍ କରୁଛନ୍ତି । ପୋଲିସ ପକ୍ଷରୁ ଘଟଣାସ୍ଥଳରେ ତଲାସୀ ଅଭିଯାନ ଜାରି ରହିଛି । ତେବେ କେଉଁଠାରୁ ଏହି ଧମକ ମିଳିଛି ଏବଂ କିଏ ଏପରି ଧମକ ଦେଇଛି ସେନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ପ୍ରକାଶ ଥାଉକି, ପୂର୍ବରୁ ମଧ୍ୟ ତିନି ଥର ସମ୍ବଲପୁର କୋର୍ଟକୁ ବୋମା ଧମକ ମିଳିଥିଲା ।

# ସରବାହାଲ ମୁକ୍ତିଧାମ ପରିଦର୍ଶନ କଲେ ଜିଲ୍ଲାପାଳ



ଝାରସୁଗୁଡ଼ା,୧୫/୭(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ସରବାହାଲ ସ୍ଥିତ ମୁକ୍ତିଧାମ ପରିଦର୍ଶନ କରି ଏହାର ଆନୁଷଙ୍ଗିକ ବ୍ୟବସ୍ଥା ଓ ସ୍ୱଚ୍ଛତାର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ମୁକ୍ତିଧାମର ଭିତର ପରିସର ସମେତ ବାହାର ପାର୍ଶ୍ୱ ବୁଲି ଦେଖିବା ସହ ସେଠାରେ ଥିବା ବିଭିନ୍ନ ସମସ୍ୟା ବାବଦରେ ଅବଗତ ହୋଇଥିଲେ। ମୁକ୍ତିଧାମ ଭଳି ଏକ ପବିତ୍ର ସ୍ଥାନର ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିଦର୍ଶନ ସମୟରେ ମୁକ୍ତିଧାମ ଚାରିପାଖରେ ଅସ୍ୱାସ୍ଥ୍ୟକର ପରିବେଶ ଓ ବର୍ଜ୍ୟବସ୍ତୁ ଦେଖି ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ସେଠାରେ ତୁରନ୍ତ ସଫେଇ କାର୍ଯ୍ୟ କରିବା ପାଇଁ ସେ ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଯେଉଁମାନେ ମୁକ୍ତିଧାମ ପରିସର କିମ୍ବା ଏହାର ଆଖପାଖରେ ଅଳିଆ ଆବର୍ଜନା ଏବଂ ଘରଭଙ୍ଗା ନିର୍ମାଣ ସାମଗ୍ରୀ ବେଆଇନ ଭାବେ ଫିଙ୍ଗୁଛନ୍ତି, ସେମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୋଟା ଅଙ୍କର ଜୋରିମାନା ଆଦାୟ କରିବାକୁ ଜିଲ୍ଲାପାଳ ତାଗିଦ କରିଛନ୍ତି। ଏଥିସହିତ ଶ୍ମଶାନର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମୁକ୍ତିଧାମର ଭାଙ୍ଗିଯାଇଥିବା ସୀମା ପ୍ରାଚୀର ର ତୁରନ୍ତ ମରାମତି କରିବାକୁ ଜିଲ୍ଲାପାଳ ନିର୍ବାହୀ ଅଧିକାରୀଙ୍କୁ କହିଛନ୍ତି। ମୁକ୍ତିଧାମ ଭିତରେ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ପାଇଁ ପର୍ଯ୍ୟାପ୍ତ ପରିମାଣର ଡଷ୍ଟବିନ ଲଗାଇବା ସହ ଏହାର ରକ୍ଷଣାବେକ୍ଷଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଓସିସି ନିର୍ବାହୀ ଯନ୍ତ୍ରୀଙ୍କ ଏକକାଳୀନ ୭ ସ୍ଥାନରେ ଚଢ଼ଉ

ଜୟପୁର,୧୫/୭(ନି/ପ୍ର): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ସୋମବାର ଓଡ଼ିଶା କନଷ୍ଟ୍ରକ୍ସନ କର୍ପୋରେଶନ (ଓସିସି) ଲିମିଟେଡ୍, ଭୁବନେଶ୍ୱରର ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର କିସପଟ୍ଟାଙ୍କ ଘରେ ଚଢ଼ାଉ କରିଛି । ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଂଟ ବଳରେ ଏହି ଚଢ଼ଉ କରାଯାଉଛି । ଆୟ ବହିର୍ଭୂତ ସମ୍ପତି ଠୁଳ କରିବା ମାମଲାରେ ଭୁବନେଶ୍ୱର ସମେତ କୋରାପୁଟ ଓ ରାଉରକେଲାରେ ଭିଜିଲାନ୍ସ ଟିମ୍ ପହଂଚି ଏକକାଳୀନ ଚଢ଼ଉ କରିଛ । କିସପଟ୍ଟା ପୂର୍ବରୁ କୋରାପୁଟ ଆଇଟିଡିଏରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ବର୍ତମାନ ସେ ଓସିସିରେ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ଆୟଠାରୁ ଅଧିକ ସମ୍ପତି ଠୁଳ କରିଥିବା ଅଭିଯୋଗରେ ଭିଜିଲାନ୍ସ ୬ ଜଣ ଡିଏସ୍ପି, ୮ ଜଣ ଇନ୍ସପେକ୍ଟର, ୭ ଜଣ ଏଏସ୍ଆଇ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ଦ୍ୱାରା ଏକକାଳୀନ ଚଢ଼ଉ କରିଛି । କୋରାପୁଟର ଟିକ୍ରାସାହିସ୍ଥିତ ଭଡ଼ାଘର, କୁମ୍ଭା-୧ରେ ଥିବା ଚାରି ମହଲା ବ୍ୟବସାୟିକ କୋଠା, କୁମ୍ଭା-୨ରେ ନିର୍ମାଣାଧୀନ ବାସଭବନ, ସୁନ୍ଦରଗଡ଼ ଜିଲା ଲାଟେଇମୁଣ୍ଡା ଗ୍ରାମରେ ଥିବା ପୈତୃକ ଘର ଓ ନିର୍ମାଣାଧୀନ ତିନିମହଲା କୋଠା ସହିତ ଭୁବନେଶ୍ୱରରେ ଥିବା ସରକାରୀ ବାସଭବନ ଏବଂ ବଲାଙ୍ଗୀରସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠକୁ ମିଶାଇ ମୋଟ୍ ୭ଟି ସ୍ଥାନରେ ଚଢ଼ଉ କରାଯାଇଛି । କିଛି ମାସ ତଳେ କୋରାପୁଟରୁ ସଞ୍ଜୟ ଭୁବନେଶ୍ୱରକୁ ବଦଳି ହୋଇଆସିଥିଲେ। ସଞ୍ଜୟ କୁମାର କିସ୍ପଟ୍ଟା (ଡଡ଼ଣ-୧୧.୧୦.୧୯୮୬) ୨୦୧୧ ମସିହାରେ ଜଳସମ୍ପଦ ବିଭାଗ ଅଧୀନରେ ସହକାରୀ ଯନ୍ତ୍ରୀ ଭାବରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ଏବଂ ୯,୩୦୦/- ଟଙ୍କା ସମନ୍ୱିତ ଦରମାରେ ଜିଲ୍ଲା-କୋରାପୁଟ ନାରାୟଣପାଟଣା ବ୍ଲକରେ ନିଯୁକ୍ତି ପାଇଥିଲେ।

# ଜମନକିରା ବ୍ଲକରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର,୧୫/୭(ନି/ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କାର୍ଯ୍ୟାଳୟ ପରିସରରେ ସମ୍ବଲପୁର ଜିଲ୍ଲାପାଳ ଏବଂ ଏସ.ପିଙ୍କର ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୪୩ ଟି ଆବେଦନ ଗ୍ରହଣ କରାଯାଇ ଥିଲା ।ଯେଉଁଥିରୁ ୨୯ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୧୪ ଟି ସମସ୍ୟା ଗୋଷ୍ଠୀ ସମସ୍ୟା ସହିତ ଜଡିତ ଥିଲା । ଏହି ଶୁଣାଣି ପରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜମନକିରା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ନିର୍ମାଣଧୀନ ଅଟଳ ବସ ଷ୍ଟାଣ୍ଡର କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କର ଶିକ୍ଷଣ ଅନୁଭୂତି ବିଷୟରେ ପଚାରି ବୁଝିଥିଲେ। କେବଳ ତଦାରଖ ନୁହେଁ, ବରଂ ନିଜେ ଏକ ପାରସ୍ପରିକ ଆଲୋଚନା ଭିତିକ ଶିକ୍ଷାଦାନ ମାଧ୍ୟମରେ ପିଲାମାନଙ୍କୁ ପାଠ ପଢ଼ାଇ ସେମାନଙ୍କ ମନରେ ଉତ୍ସାହ ଭରିଥିଲେ। ଏହାପରେ ଜମନକିରା ଅଟଳ ବସଷ୍ଟାଣ୍ଡ କାର୍ଯ୍ୟକ୍ଷେତ୍ର ପରିଦର୍ଶନ, ପ୍ରକଳ୍ପର ଅଗ୍ରଗତି ଏବଂ ବର୍ତମାନ ସ୍ଥିତାବସ୍ଥା ଅନୁଧ୍ୟାନ କରି ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଜ୍ଞାନର ଆଲୋକ ଥିଲେ ସତ୍ୟବାଦୀ ମଣ୍ଡଳ

ଭଦ୍ରକ,୧୫/୭(ନି/ପ୍ର): ଏହି ବ୍ଲକ କାଦବରାଙ୍ଗ ଅଂଚଳର ଆଦର୍ଶ ଶିକ୍ଷାବିତ ତଥା ସମାଜସେବୀ ସତ୍ୟବାଦୀ ମଣ୍ଡଳଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଯଶୋବନ୍ତ ବେହେରା ପୌରହିତ୍ୟ କରିଥିଲେ। ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ଖାମୁରାଇ ତାଙ୍କ ବକ୍ତବ୍ୟରେ ସତ୍ୟବାଦୀ ସାର୍ ରାଷ୍ଟ୍ର ନିର୍ମାଣରେ ଦାୟିତ୍ୱ ବହନପରି ଛାତ୍ର ତିଆରି କରୁଥିଲେ, ପଦପଦବୀ,ପଦନ୍ନୋତି,ସମ୍ବର୍ଦ୍ଧନା,ମାନପତ୍ରରେ ସେ ରଚି ରଖୁନଥିବା ବେଳେ ଛାତ୍ର ଛାତ୍ରୀଙ୍କ ହୃଦୟରେ ରହିଥିଲେ ବୋଲି ମତ ପ୍ରକାଶ ପାଇଥିଲା। ସମାଜସେବୀ ଲକ୍ଷ୍ମୀଧର ପାଲ, ଆଇନଜିବୀ ଅଗଣି ଚରଣ ଜେନା,ପରମେଶ୍ୱର ବାରିକ,ମଧୁସୂଦନ ଘଡେଇ,ଶ୍ରୀଧର ଜେନା,ଆଦର୍ଶବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲକୁମାର ମହାନ୍ତି,ଶିକ୍ଷକ କାର୍ତ୍ତିକ ଚନ୍ଦ୍ରଗିରି,କୃତିବାସ ପୃଷ୍ଟି,ଅଭିମନ୍ୟୁ ଗିରି,ରଘୁନାଥ ରାଉତ,ଲିଙ୍ଗରାଜ ସ୍ୱାଇଁ,ରାମଚନ୍ଦ୍ର ଜେନା ,ଆଦିକନ୍ଦ ପଣ୍ଡା,ଭାସ୍କର ଚନ୍ଦ୍ରଜେନା, ପ୍ରମୁଖ ୰ସତ୍ୟବାଦୀ ଜ୍ଞାନର ଆଲୋକ ଥିବା ବେଳେ କାଦବରାଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରପ୍ରତିଷ୍ଠା ପାଇଁ ଜମିଦାନ କରି ଉଦାହରଣ ସୃଷ୍ଟି କରିପାରିଛନ୍ତି ବୋଲି କହିଥିଲେ।

# ଦାୟିତ୍ୱ, ଶୃଙ୍ଖଳା ଓ ସେବାର ସଂକଳ୍ପ: ପିଏମ୍ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶପଥ ପାଠ

ବଲାଙ୍ଗୀର, ୧୫/୭(ନି/ପ୍ର): ସ୍ଥାନୀୟ ଗାନ୍ଧୀନଗର ପଡ଼ା ସ୍ଥିତ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷା ବର୍ଷ ୨୦୨୬-୨୭ ପାଇଁ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ର ମୀନା ମଂଚ ଏବଂ ନବମ ଓ ଦଶମ ଶ୍ରେଣୀର ଛାତ୍ର କ୍ୟାବିନେଟ ଗଠନ ପରେ ମନୋନୀତ ଛାତ୍ରୀମାନଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ବ[ନ କରାଯାଇଥିଲା। ଶୃଙ୍ଖଳା, ସ୍ୱାସ୍ଥ୍ୟ, ସାଂସ୍କୃତିକ, କ୍ରୀଡ଼ା, ପରିବେଶ, ପୁସ୍ତକାଳୟ ଓ ଶିକ୍ଷା ଭଳି ବିଭାଗ ପାଇଁ ମନ୍ତ୍ରୀ ଓ ଉପ ମନ୍ତ୍ରୀ ଚୟନ କରାଯାଇଥିଲା। ସମ୍ପୃକ୍ତ ବିଭାଗର କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିବା ସହ ସେମାନେ ବିଦ୍ୟାଳୟର ଶୃଙ୍ଖଳା ରକ୍ଷା, ସ୍ୱଚ୍ଛତା, ସହପାଠୀମାନଙ୍କ ମଧ୍ୟରେ ସହଯୋଗ ଭାବନା ସୃଷ୍ଟି ଏବଂ ବିଭିନ୍ନ ସହପାଠ୍ୟ କାର୍ଯ୍ୟକଳାପରେ ସକ୍ରୀୟ ଭୂମିକା ଗ୍ରହଣ କରିବେ। ମୀନା ମଂଚରେ ମୁଖ୍ୟମନ୍ତ୍ରୀ-ପ୍ରତ୍ୟୁଷା ରାଣୀ ବେହେରା, ଉପ-ମୁଖ୍ୟମନ୍ତ୍ରୀ ଦିପ୍ତିମୟୀ ପ୍ରଧାନ, ଶିକ୍ଷାମନ୍ତ୍ରୀ-ଶ୍ୱେତାଞ୍ଜଳି ମୁଗ୍ରୀ, ଉପ-ଶିକ୍ଷା ମନ୍ତ୍ରୀ ଶ୍ରୀୟାରାଣୀ ନାଏକ, ସ୍ୱାସ୍ଥ୍ୟ ମନ୍ତ୍ରୀ-ହୃଦୟା ନନ୍ଦ, ଉପ-ସ୍ୱାସ୍ଥ୍ୟ ମନ୍ତ୍ରୀ ସିଦ୍ଧି ସାହୁ, ଖାଦ୍ୟ ମନ୍ତ୍ରୀ-ଜ୍ୟୋତିର୍ମୟୀ ସ୍ୱାଇଁ, ଉପ-ଖାଦ୍ୟ ମନ୍ତ୍ରୀ ଶୁଚିସ୍ମିତା ସାହୁ, ସଂସ୍କୃତି ମନ୍ତ୍ରୀ ରିୟାଞ୍ଜଳି ସ୍ୱାଇଁ, ଉପ-ସଂସ୍କୃତି ମନ୍ତ୍ରୀ ସିମରନ ନାଏକ, ପରିବେଶ ମନ୍ତ୍ରୀ-ଅପର୍ଣ୍ଣା ସୁନା, ଉପ-ପରିବେଶ ମନ୍ତ୍ରୀ ସିମରନ ବେହେରା, କ୍ରୀଡ଼ାମନ୍ତ୍ରୀ -ସୁଶ୍ରୀ ସାଗରୀକା ଜେନା,ଉପ-କ୍ରୀଡ଼ା ମନ୍ତ୍ରୀ ଆରୋହୀ ଛତ୍ରିଆ ମନୋନୀତ ହୋଇଥିବାବେଳେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀ ମାନଙ୍କ କ୍ୟାବିନେଟରେ ମୁଖ୍ୟମନ୍ତ୍ରୀ-ଅମନ୍ନାଲାଲ ଶତପଥୀ,ଉପ-ମୁଖ୍ୟମନ୍ତ୍ରୀ ଅର୍ଚ୍ଚନା ବେହେରା, କ୍ରୀଡ଼ା ମନ୍ତ୍ରୀ-ସୁହାନୀ ନାଏକ, ଉପ-କ୍ରୀଡ଼ା ମନ୍ତ୍ରୀ ପ୍ରାଚୁର୍ଯ୍ୟା ମାହାଣା, ପରିବେଶ ମନ୍ତ୍ରୀ-ଈଶା ବହିଦାର, ଉପ-ପରିବେଶ ମନ୍ତ୍ରୀ ଆରାଧ୍ୟା କବାଟ, ସଂସ୍କୃତି ମନ୍ତ୍ରୀ-ଲୋପାମୁଦ୍ରା ବାଗ, ଉପ-ସଂସ୍କୃତି ମନ୍ତ୍ରୀ ସୁଲଗ୍ନା ବକୁଳ, ଖାଦ୍ୟ ମନ୍ତ୍ରୀ -ଶ୍ରୀୟା ସାହୁ, ଉପ-ଖାଦ୍ୟମନ୍ତ୍ରୀ ଅର୍ପିତା ସିଂ ନିନା, ସ୍ୱାସ୍ଥ୍ୟ ମନ୍ତ୍ରୀ-ଶିଖା ମିଶ୍ର,ଉପ-ସ୍ୱାସ୍ଥ୍ୟ ମନ୍ତ୍ରୀ ରୀୟା ନନ୍ଦ, ଶିକ୍ଷାମନ୍ତ୍ରୀ-ଦମୟନ୍ତୀ ଖୁଆସ, ଉପ-ଶିକ୍ଷା ମନ୍ତ୍ରୀ ସୁସ୍ମିତା କୁମ୍ଭାର ମନୋନୀତ ହୋଇଥିଲେ। ଏହି ଅବସରରେ ମୀନା ମଂଚ ଓ ଛାତ୍ର କ୍ୟାବିନେଟରେ ମନୋନୀତ ସମସ୍ତ ମନ୍ତ୍ରୀ ଓ ଉପ-ମନ୍ତ୍ରୀ ମାନଙ୍କୁ ନିଜ ନିଜ ବିଭାଗର ଦାୟିତ୍ୱ, ସଚ୍ଚୋଟତା, ନିଷ୍ଠା ଓ ଦାୟିତ୍ୱବୋଧର ସହିତ ସଠିକ ଭାବେ ନିର୍ବାହ କରିବା ସହ ବିଦ୍ୟାଳୟ ର ଶୃଙ୍ଖଳା, ସ୍ୱଚ୍ଛତା ଓ ସାମଗ୍ରିକ ବିକାଶ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବା ନିମନ୍ତେ ଶପଥ ପାଠ କରାଯାଇଥିଲା। ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସ୍ୱୋଶ୍ରୀ ଭୋଇ ଛାତ୍ରୀମାନଙ୍କୁ ଦାୟିତ୍ୱବାନ, ଶୃଙ୍ଖଳିତ ଏବଂ ସେବାଭାବୀ ନେତୃତ୍ୱ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ଏଭଳି ଛାତ୍ର ନେତୃତ୍ୱ ବ୍ୟବସ୍ଥା ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଦାୟିତ୍ୱବୋଧ ଓ ନେତୃତ୍ୱ ଦକ୍ଷତା ବୃଦ୍ଧି କରିବା ସହ ସେମାନଙ୍କୁ ଭବିଷ୍ୟତର ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ନିଜ ବକ୍ତବ୍ୟରେ ମୀନା ମଂଚ ଓ ଛାତ୍ର କ୍ୟାବିନେଟ ମାଧ୍ୟମରେ ଛାତ୍ରୀମାନଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା, ଆତ୍ମବିଶ୍ୱାସ,ଦାୟିତ୍ୱବୋଧ ଓ ସାମାଜିକ ଚେତନା ର ବିକାଶ ଘଟିବା ସହ ବିଦ୍ୟାଳୟର ସାମଗ୍ରିକ ବିକାଶରେ ସେମାନଙ୍କ ସକ୍ରୀୟ ସହାଭାଗିତା ସୁନିଶ୍ଚିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ସୁରେଶ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶିକ୍ଷୟତ୍ରୀ ନୂତନ ନାୟକ ପର୍ଯ୍ୟବେକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷୟତ୍ରୀ ଯାଜ୍ଞସିନୀ ମହାପାତ୍ର, ରଶ୍ମିତା ଦାଶ, ସୌମ୍ୟାଶ୍ରୀ ସାହୁ, ଦେବସ୍ମିତା ପାଣିଗ୍ରାହୀ, ପ୍ରଜ୍ଞା ପରମିତା ବଘାର, ସଂଗୀତା ସାହୁ, ଲିଜା ସାହୁ, ସୋମନାଞ୍ଜଳି ସାହୁ, ସ୍ୱରୂପା ହୋତା, ଧାରାଶ୍ରୀ ଧୀମହୀ ବେହେରା, ବିନ୍ଦୁରେଖା ସାହୁ, ଜସ୍ମିନ ସାହୁ, ଲିଲି ଭୋଇ, ସ୍ୱରଞ୍ଜିକା ରାଉତ, ରଶ୍ମିରେଖା ବାଗ, ରଶ୍ମିତା ହୋତା, ପୂଜା ଦାସ, ଜ୍ୟୋତିର୍ମୟୀ ପୁଝାହାରୀ, ସନ୍ତୋଷିନୀ ତାଣ୍ଡି, ତାରକାନ୍ତୀ ସାଏ, ଅଂଶୁ ସାହାଣୀ, ନମିତା କର, ଏକଲବ୍ୟ ଚନ୍ଦନ, ରଞ୍ଜିତ ମିଶ୍ର, ହରି ଖେତୀ, ମୁରଳିଜିତ ମହାନନ୍ଦ, ନୃସିଂହ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

